
# ଆଦି ଅନାଦି ଏକାକ୍ଷର ବ୍ରହ୍ମ ଯଙ୍କ



ଓଁ

ନମୋ ଭଗବତେ ଯଦୁନନ୍ଦନାୟ
ସୁକାନ୍ତି ସୁତାୟ କେଶବଚନ୍ଦ୍ରାୟ !!!

# ଆଦି ଅନାଦି ଏକାକ୍ଷର ବ୍ରହ୍ମଯଜ୍ଞ

## ସମାସିଂହା, ଝାରସୁଗୁଡ଼ା

୧୪୦୮ ସାଲ ବୈଶାଖ ମୋହିନୀ ଏକାଦଶୀ,
୨୦୦୧ ମସିହା ମଇ ୩ ତାରିଖ ଗୁରୁବାର ଠାରୁ
ଚନ୍ଦନ ପୂର୍ଣ୍ଣିମା, ମଇ ୭ ତାରିଖ ସୋମବାର

ଦ୍ୱିତୀୟ ସଂସ୍କରଣ : କେଶବାବ୍ଦ-୫୧, ଚୈତ୍ର ପୂର୍ଣ୍ଣିମା
ଅକ୍ଷର ସଜ୍ଜା : ରସଦ୍ ଏଣ୍ଡ୍ ଏଜେନ୍ସି, କଟକ
ମୁଦ୍ରଣ : ଜଗନ୍ନାଥ ପ୍ରୋସେସ୍, ଡଗରପଡ଼ା, କଟକ

ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,
କ୍ଷିତିଜ୍ୟୋତି ଆଶ୍ରମ, ମାହାଙ୍ଗା, କଟକ ।
ଫୋନ୍ - ୦୬୭୧ - ୨୭୬୭୧୦୧

ଭକ୍ତି ପ୍ରେମାଞ୍ଜଳି : ଦଶ ମୁଦ୍ରାଞ୍ଜଳି

# ଆଦି ଅନାଦି ଏକାକ୍ଷର ବ୍ରହ୍ମଯଜ୍ଞ

## ସମାସିଂହା, ଝାରସୁଗୁଡ଼ା

**୧୪୦୮ ସାଲ ବୈଶାଖ ମୋହିନୀ ଏକାଦଶୀ, ୨୦୦୧ ମସିହା ମଇ ୩ ତାରିଖ ଗୁରୁବାର ଠାରୁ ଚନ୍ଦନ ପୂର୍ଣ୍ଣିମା, ମଇ ୭ ତାରିଖ ସୋମବାର ପର୍ଯ୍ୟନ୍ତ ॥**

ॐ

*ଗୈରିକବାସ ପରିଶୋଭିତ ଶ୍ୟାମତନୁମ୍ ।*
*ଭାଲେ ଶ୍ରୀଚନ୍ଦନଶୋଭା ନୟନାଭିରାମମ୍ ॥*
*ଶ୍ରୀପାଦ ପଙ୍କଜଦ୍ୱୟ ପାଦୁକାଲଂକୃତମ୍ ।*
*ପାତୁ ନଃ ଦେବଦେବେଶ ମମଦୀନବନ୍ଧୋ ।*

ପରମପୁରୁଷଙ୍କର ଅନନ୍ତ ଲୀଳା କେବଳ ତାଙ୍କୁ ହିଁ ଜଣା । ତାଙ୍କର ପ୍ରତ୍ୟକ୍ଷ କୃପା, ଆଶୀର୍ବାଦ ବ୍ୟତୀତ ଦେବ, ଯକ୍ଷ, କିନ୍ନର, ଗନ୍ଧର୍ବଙ୍କ ଠାରୁ ଆରମ୍ଭ କରି ମର୍ତ୍ତ୍ୟଭୂମିର ଜୀବଜଗତ ପର୍ଯ୍ୟନ୍ତ କେହି ସେ ଲୀଳାର ଆଦି ଅନ୍ତ ପାଆନ୍ତି ନାହିଁ । ସେ ତାଙ୍କ ଇଚ୍ଛାମତେ ସୃଷ୍ଟି ନିର୍ମାଣ, ଲାଳନପାଳନ ଓ ସଂହାର କରି କରାଇଥାଆନ୍ତି । ସୃଷ୍ଟିର ପ୍ରତିକୋଣଅନୁକୋଣରେ ନିଜେ ସୂକ୍ଷ୍ମ ଭାବରେ ଅବସ୍ଥାନ କରି ନିଜର ଅପୂର୍ବ ଲୀଳା ସଂରଚନ କରି ଯାଆନ୍ତି । ଏହି ଅଭିନବ କ୍ରିୟା ସୃଷ୍ଟି ତଥା ଯୁଗନିର୍ମାଣ ପୂର୍ବରୁ ସଂଗଠିତ ହୋଇଚାଲିଅଛି । ଉକ୍ତ ଗୋପନୀୟ ମାଧୁର୍ଯ୍ୟଲୀଳାର କିଛି ଅଂଶ ହୃଦୟଙ୍ଗମ କରି ନିଜକୁ ଆଲୋକିତ କରିବାପାଇଁ ଜ୍ଞାନପିପାସୁ ଭକ୍ତମାନେ କାତର ପ୍ରାର୍ଥନା କରିଆରେ ଓ ଯୋଗୀ, ମୁନି, ଋଷି, ତପସ୍ୱୀମାନେ ଧ୍ୟାନ ଯୋଗ ମାଧ୍ୟମରେ ପରମପୁରୁଷଙ୍କ ଶ୍ରୀପାଦପୀଠରେ ଅର୍ଚ୍ଚି ନିବେଦନ କରିଥାଆନ୍ତି । ପରମକାରୁଣିକ, ଦୟାଳୁ ଠାକୁରେ ଯଦି ସେମାନଙ୍କର ପ୍ରଣତିରେ ସନ୍ତୁଷ୍ଟ ହୁଅନ୍ତି ଏବଂ ପ୍ରାର୍ଥୀ ଉପଯୁକ୍ତ ବୋଲି ଲକ୍ଷ୍ୟ କରନ୍ତି, ତେବେ ଗୁପ୍ତଲୀଳାର କିଛି ଅଂଶ ବ୍ୟକ୍ତ କରନ୍ତି ଓ ଲୀଳା ପ୍ରକଟ ସୂତ୍ରରୁ ସୃଷ୍ଟି ହୋଇଥିବା ସମସ୍ୟାର ସମାଧାନ ପଥ ଦର୍ଶାଇ ଦିଅନ୍ତି । ଧରାପୃଷ୍ଠରେ ବ୍ରହ୍ମକୁ କେନ୍ଦ୍ର କରି ଆଜି ପର୍ଯ୍ୟନ୍ତ ଯେତେ ଶାସ୍ତ୍ର, ବେଦ, ବେଦାନ୍ତ, ଉପନିଷଦ, ପୋଥି, ପୁରାଣ ପ୍ରକାଶିତ ହୋଇଅଛି, ସେ ସମସ୍ତ ପ୍ରକାଶର ବିଷୟବସ୍ତୁ ଏହି ସୂତ୍ରରେ ହିଁ ତାଙ୍କ ନିକଟରୁ ମର୍ତ୍ତ୍ୟାବତରଣ ହୋଇଅଛି ।

ବ୍ରହ୍ମଲୀଳାର ଏକ ମୁଖ୍ୟ ଅଂଶୀଦାର ପ୍ରାତଃ ସ୍ମରଣୀୟ, ପରମପୂଜ୍ୟ, ମହାପୁରୁଷ ଅଚ୍ୟୁତାନନ୍ଦ ପରମଧାମରେ ଅବ୍ୟକ୍ତ ପୁରୁଷଙ୍କ ସାନିଧ ଲାଭ କରି କଳି ଲୀଳାର ଏକ ସ୍ପଷ୍ଟ ଚିତ୍ର ଅଙ୍କନ କରି ମୋହଗ୍ରସ୍ତ ଜୀବକୁ ବୋଧଶକ୍ତି, ଚେତନା ଭାବ (ପ୍ରେମ) ଆଦି ଦିବ୍ୟଗୁଣର ଅଧିକାରୀ ହେବାପାଇଁ ଅନେକ ଭବିଷ୍ୟବାଣୀ ତାଙ୍କର ଅମରକୃତି ''ମାଳିକା''ରେ କରାଇଯାଇଛନ୍ତି । ମହାଯୋଗୀଙ୍କର ସାଧନଲବ୍ଧ ଫଳ ଆଜି ସମଗ୍ର ସୃଷ୍ଟି ଉପଭୋଗ କରିବାକୁ ଯାଉଅଛି । ନିଜକୁ ସଦା ଗୋପନ ରଖି ଗୁପ୍ତରେ ସମସ୍ତ ଲୀଳା ରଚନା କରି ସ୍ୱଧାମକୁ ପ୍ରତ୍ୟାବର୍ତ୍ତନ କରିଯିବାକୁ ସର୍ବଦା ପ୍ରୟାସୀ ମହାନାୟକ ପୁରୁଷୋତ୍ତମ ଆଜି ସେହି ମହାପୁରୁଷଙ୍କ 'ଭବିଷ୍ୟ ମାଳିକା' ସଙ୍କେତରୁ ଧରା ପଡ଼ିଯାଇଛନ୍ତି । ନରତନୁ ଧାରଣ କରି ଛଳନାର ଜାଲ ମଧ୍ୟରେ ନିଜକୁ ଅତି ସୁନ୍ଦର ଭାବରେ ଲୁଚାଇ ଦେଇଥିଲେ ମଧ୍ୟ ଭକ୍ତ ପ୍ରାଣର ଆକୁଳ ପ୍ରାର୍ଥନାରେ ଦ୍ରବୀଭୂତ ହୋଇ ଶ୍ରୀଅଧରରୁ ସମୟେ ସମୟେ କିଛି ଜ୍ଞାନାମୃତ ଝରାଇ ଦେଉଛନ୍ତି । ଆଜିର ଏହି ମହାନ୍ ଯଜ୍ଞାନୁଷ୍ଠାନର ବିଷୟବସ୍ତୁ । କାରଣ ଠିକ୍ ସେହି ସୂତ୍ରରେ ତାଙ୍କ ନିକଟରୁ ଅବତରିତ ହୋଇଅଛି । ଆସନ୍ତୁ, ସେହି ଅମର ଗାଥା ପଢ଼ିବା, ପଢ଼ାଇବା, ଶୁଣିବା, ଶୁଣାଇବା ଓ ଜନ୍ମଜୀବନ ସାର୍ଥକ କରି ଅନ୍ତିମେ ଶ୍ରୀଚରଣରେ ବିଶ୍ରାମ ପାଇବାର ଅଳି ନିବେଦନ କରିଯିବା ।

ଋତୁରାଜ ବସନ୍ତର ଏକ ମଧୁର ସଂଧ୍ୟାରେ ପ୍ରେମାବତାର, ଭକ୍ତବତ୍ସଳ ଭାବଗ୍ରାହୀ ସ୍ୱର୍ଣ୍ଣକ୍ଷେତ୍ରର ସ୍ୱନିଳୟରେ ବସିଛନ୍ତି । ଭାବଗମ୍ଭୀର ଅବସ୍ଥା । ସତେଯେପରି କୌଣସି ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟାରେ ହଜି ଯାଇଛନ୍ତି । ନିକଟରେ ଉପସ୍ଥିତ ସେବାୟତମାନେ ମଧ୍ୟ ନୀରବ, ନିର୍ବାକ ହୋଇ ଚାହିଁ ରହିଛନ୍ତି । ସେହି ଗମ୍ଭୀରତାକୁ ଭେଦକରି ଜଣେ ଜିଜ୍ଞାସୁ ସେବାୟତ ଯୋଡ଼ହସ୍ତରେ ସ୍ତୁତି କରିବାକୁ ଲାଗିଲା ।

### ଜିଜ୍ଞାସୁ ଉବାଚ :

''ଭୋ ନାଥ ! ପ୍ରଭୁ ଦୟାମୟ ! ମନ ମୋ ହେଉଛି ଅଥୟ ॥
ତୁମର ମଉନ ମୂରତି । ଅସ୍ଥିର କରେ ମୋର ମତି ॥
ମହାମୂର୍ଖ ମୁଁ ମୂଢ଼ମତି । ହୃଦରେ ନାହିଁ ମୋର ଭକ୍ତି ॥
ଜ୍ଞାନ କି ତତ୍ତ୍ୱ ଶିଖି ନାହିଁ । କର୍ମ ଯୋଗକୁ ଦେଖିନାହିଁ ॥
ତୁମେ କି ନ ଜାଣ ଠାକୁରେ ? କିପାଇଁ ରହୁଛ ଦୂରରେ ?
ମନରେ ରହୁଛି ସଂଶୟ । ସନ୍ଦେହ ଫେଡ଼ି କର ଥୟ ॥

ମଉନ ଭଙ୍ଗକରି ଅତି ଆକୁଳ ଭାବରେ ଜିଜ୍ଞାସୁ ସେବକଟି ଅଳିକରି କହିଲା, ହେ ନାଥ ! ମୁଁ ମହାମୂର୍ଖ ଅଟେ । ଜ୍ଞାନ ନାହିଁ, ଭକ୍ତି ନାହିଁ ଅଥବା ତାହାକୁ ପାଇବାପାଇଁ କର୍ମଯୋଗ ବି ନାହିଁ । ଏକଥା କ'ଣ ତୁମେ ଜାଣନାହିଁ ପ୍ରଭୁ ! ସବୁ ଜାଣି, ସବୁଦେଖି ଯେତେବେଳେ

ମୋତେ ଦର୍ଶନ ଦେଇଛ ପାଖକୁ ଆଣିଛ, ମୋର ମନର ସନ୍ଦେହ ଦୂର କରି ଅଥୟ ମନଟିକୁ ଥୟ କରିଦିଅ । ସନ୍ତାନବତ୍ସଳ ପ୍ରିୟ ସନ୍ତାନର ଉକ୍ତ ନିବେଦନରେ ଭାବଗମ୍ଭୀର ଅବସ୍ଥା ପରିହାର କରି ସହାସ୍ୟ ବଦନରେ କହିଲେ:

**କେଉଁ ସନ୍ଦେହ ମନେ ତୋର । ନିର୍ଭୀକ ହୋଇ ତୁ ପଚାର ॥**
**ସବୁ ସଂଶୟ ଦୂର କରି । ମନରେ ଶାନ୍ତି ଦେବି ଭରି ॥**

''ତୋ ମନରେ କେଉଁ ସନ୍ଦେହ ଅଛି, ନିର୍ଭୀକ ଭାବରେ ପ୍ରକାଶ କର । ତୋର ସମସ୍ତ ସନ୍ଦେହ ଦୂର କରି ମନରେ ଶାନ୍ତି ଭରି ଦେବି ।'' ପ୍ରଭୁଙ୍କର ଏହି ଅଭୟବାଣୀ ଶୁଣିବା ପରେ ଆନନ୍ଦରେ ଅଧୀର ହୋଇ ଜିଜ୍ଞାସୁ ସେବକ କହି ଉଠିଲା ।

**ଗହନ କଥା ଏ ଶୁଣିଲି । ତେଣୁ ହେ ସ୍ୱାମୀ ପୁଚ୍ଛାକଲି ॥**
**ସମାସିଂହାରେ ଯଜ୍ଞକର । ଆଦି ଅନାଦି ଏକାକ୍ଷର ॥**
**କିଏ ସେ ଆଦି ଓ ଅନାଦି । କିପରି ଏକାକ୍ଷର ଭେଦି ?**
**ବୁଝାଇ କୁହ ଜ୍ଞାନ ପତି । ତୁମ ବିନା ମୋ ନାହିଁ ଗତି ॥**

ହେ ପରମଦୟାଳୁ ! ପ୍ରାଣପତି ! ଶୁଣିଲି, ଆପଣ ଝାରସୁଗୁଡ଼ା ନିକଟବର୍ତ୍ତୀ ସମାସିଂହାରେ ''ଆଦି ଅନାଦି ଏକାକ୍ଷର ବ୍ରହ୍ମଯଜ୍ଞ'' କରାଉଛନ୍ତି । ମୋର ମନରେ ପ୍ରଶ୍ନ ଆସୁଛି ପ୍ରଭୁ ! ଆଦି, ଅନାଦି କିଏ ? 'ବ୍ରହ୍ମ' ତ ଏକ । ଆଦି ଓ ଅନାଦି - ଏହି ଦୁଇ ନାମ କିପରି ହୋଇଛି ? କାହିଁକି ଓ କେବେ ହୋଇଛି ? ''ଏକାକ୍ଷର'' କ'ଣ ? ତାହାର ସ୍ୱରୂପ କିପରି ? ଏ ସମସ୍ତ ରହସ୍ୟ ମୋତେ କୃପାକରି ବୁଝାଇ କୁହନ୍ତୁ । ପ୍ରଭୁ ପରମେଶ-ହସି ହସି କହିଲେ,

ଗୁଢ଼ କଥାଟି ପଚାରିଲୁ । ତତ୍ତ୍ୱ ଭେଦକୁ ଇଚ୍ଛାକଲୁ ॥
ସ୍ଥିର ମନରେ ଧୀର ହୋଇ । ବସତୁ ଆସନକୁ ନେଇ ॥
ଲୟ, ଧ୍ୟେୟକୁ ଚିନ୍ତାକର । କୁଭାବ ମନୁ ଦୂରକର ॥
ଅଳପେ ଦେଉଛି ବୁଝାଇ । ବିଶଦ ବ୍ୟାଖ୍ୟା ପରେ କହି ॥
ଅବ୍ୟକ୍ତ ବ୍ରହ୍ମ ଶୂନ୍ୟେ ଥିଲେ । ପରଂବ୍ରହ୍ମରେ ଯୁକ୍ତ ହେଲେ ॥
ଜ୍ୟୋତିରୂପରେ ବିହରିଲେ । ଚଉରାଅଶି କଳ୍ପ ନେଲେ ॥
ତା ପରେ ଦୁଇ ଭାଗ ହୋଇ । ଅବ୍ୟକ୍ତୁ ବ୍ୟକ୍ତ ରୂପ ନେଇ ॥
ପ୍ରକୃତି ପୁରୁଷ ରୂପରେ । ଖେଳିଲେ ଶୂନ୍ୟ ଜଗତରେ ॥
ବାବନ କଳ୍ପ ବିତିଗଲା । ଏକୁ ଅନେକ ଇଚ୍ଛା ହେଲା ॥
ପ୍ରକୃତି ପୁରୁଷ ମିଳିଲେ । ଇଚ୍ଛାରେ ଜୀବ ସୃଷ୍ଟି କଲେ ॥

| | | |
|---|---|---|
| ଅର୍ଦ୍ଧମାତ୍ରାରେ ବିନ୍ଦୁ ଦେଇ | । ମିଶ୍ରଣେ ପ୍ରଣବକୁ କହି | ।। |
| ପ୍ରଣବୁ ହେଲେ ତିନିଦେବ | । ବ୍ରହ୍ମା, ବିଷ୍ଣୁ, ଯେ ମହାଦେବ | ।। |
| ଏହି ଯେ ପ୍ରକୃତି ପୁରୁଷ | । ଆଦି ଅନାଦି ନାମେ ତୋଷ | ।। |

ଜିଜ୍ଞାସୁ ସେବକର ଜିଜ୍ଞାସା ଗ୍ରହଣ କରି କଲ୍ୟାଣମୟ ଠାକୁରେ ଆନନ୍ଦ ଚିତ୍ତରେ କହିଲେ, ଯେଉଁ ଗୁଢ଼ ରହସ୍ୟ ଜାଣିବାପାଇଁ ଆଗ୍ରହ ପ୍ରକାଶ କଲୁ ତାହା ଅତ୍ୟନ୍ତ ଗମ୍ଭୀର ଓ ଅଗମ୍ୟ ଅଟେ । ସେ ତତ୍ତ୍ୱ ଦର୍ଶନବିନା ସହଜରେ ବୁଝି ହୁଏ ନାହିଁ । ତଥାପି ଯେତେବେଳେ ଜାଣିବାପାଇଁ ବ୍ୟାକୁଳତା ପ୍ରକାଶ କରିଛୁ, ସେତେବେଳେ ସଂକ୍ଷେପରେ ତୋତେ ବୁଝାଇଦେଉଛି । ଶ୍ରଦ୍ଧାର ସହ ତୋର ଆସନରେ ବସି ଲୟ ଓ ଧେୟଙ୍କୁ ଚିନ୍ତା କରି ସ୍ଥିର ଚିତ୍ତରେ ଶ୍ରବଣ କର । ପରେ ତତ୍ତ୍ୱର ବିଶଦ୍ ବ୍ୟାଖ୍ୟା ବୁଝାଇ ଦେବି । ଅବ୍ୟକ୍ତବ୍ରହ୍ମ ପ୍ରଥମେ ପରଂବ୍ରହ୍ମ ମଣ୍ଡଳରେ ଯୁକ୍ତ ହୋଇ ଚଉରାଅଶି କଳ୍ପ ପର୍ଯ୍ୟନ୍ତ ଜ୍ୟୋତିରୂପରେ ବିହାର କଲେ । ତା ପରେ ଅବ୍ୟକ୍ତରୁ ବ୍ୟକ୍ତ ହେବାର ଇଚ୍ଛା ପ୍ରକଟ କରି ସ୍ୱଇଚ୍ଛାମତେ ନିଜକୁ ଦୁଇ ଭାଗରେ ବିଭକ୍ତ କରି ବ୍ୟକ୍ତ ହୋଇଗଲେ, ଉକ୍ତ ବ୍ୟକ୍ତ ଅବସ୍ଥା ପୁରୁଷ ଓ ପ୍ରକୃତି ନାମରେ ପରିଚିତ ହେଲେ । ଏହି ପର୍ଯ୍ୟାୟରେ ବାବନ କଳ୍ପ ସୃତ୍ରୀ ଭୋଗ ହୋଇଗଲା । ଉକ୍ତ କଳ୍ପ ଭୋଗ ସମୟରେ ବ୍ରହ୍ମ ଏକରୁ ଅନେକ ହେବାର କଳ୍ପନା କରି ସୃଷ୍ଟି ନିର୍ମାଣର ସୂତ୍ର ନିର୍ଦ୍ଧାରଣ କଲେ । ସେହି ସୂତ୍ରର ଆଧାରରେ ପୁରୁଷ ଓ ପ୍ରକୃତିଙ୍କ ମିଳନରେ ଜୀବ ସୃଷ୍ଟିକଲେ । ଏହାପରେ ମିଳନ ଅବସ୍ଥା ସହ ବିନ୍ଦୁ ଓ ଅର୍ଦ୍ଧମାତ୍ରା (ଁ) ସୃଷ୍ଟି କରି ମିଶାଇ ଦେଲେ । ଏହାକୁ ପ୍ରଣବର ଆଖ୍ୟା ଦେଇ ତନ୍ମଧ୍ୟରୁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ତିନିଦେବଙ୍କୁ ସୃଷ୍ଟି କରିଦେଲେ । ଅବ୍ୟକ୍ତ ବ୍ରହ୍ମ ବ୍ୟକ୍ତ ହେବାପରେ ନିଜକୁ ଏକରୁ ଅନେକ କରିବା ମାନସରେ ଏହି ତିନିଦେବ ପ୍ରଥମ ବ୍ୟକ୍ତବ୍ରହ୍ମ ରୂପରେ ପ୍ରକଟ ହେଲେ । ପୁରୁଷ ଓ ପ୍ରକୃତିଙ୍କ ଇଚ୍ଛାକୃତ ମିଳନ ଚକ୍ରରୁ ପ୍ରଥମ ବ୍ୟକ୍ତବ୍ରହ୍ମ ପ୍ରକାଶିତ ହୋଇଥିବାରୁ ପ୍ରକୃତି ''ଆଦି'' ଓ ପୁରୁଷ ''ଅନାଦି'' ଭାବରେ ବିବେଚିତ ହେଲେ । ଏହାହିଁ ଆଦି ଓ ଅନାଦିଙ୍କ ସଂପର୍କରେ ସ୍ଥୂଳଗତ ସଂକ୍ଷେପ ବର୍ଣ୍ଣନା ।

ପ୍ରଭୁଙ୍କ ଶ୍ରୀମୁଖରୁ ଉପରୋକ୍ତ ରହସ୍ୟ ଅବଗତ ହୋଇ ଅନୁଗତ ସେବକ କୃତକୃତ୍ୟ ହୋଇ ନିଜର କୃତଜ୍ଞତା ପ୍ରକାଶକରି ପୁନଶ୍ଚ ଯୋଡ଼ହସ୍ତରେ ଜିଜ୍ଞାସା କଲା :

| | | |
|---|---|---|
| ହେ ପ୍ରଭୁ ମୋର ହୃଦମଣି | । ଲୀଳା ତୁମର ହୁଏ ଗୁଣି | ।। |
| ଶ୍ରୀମୁଖୁ ଶୁଣି ଗୁଢ଼ ତତ୍ତ୍ୱ | । ନିସ୍ତରିଗଲି ପାଇ ସତ୍ୱ | ।। |
| ତଥାପି ମନ ବୁଝୁନାହିଁ | । ପୟର ବନ୍ଦୁଛି ହେ ସାଇଁ | ।। |
| ପ୍ରଣବ ମଧ୍ୟୁ ତିନିଦେବ | । କହିଲେ କହିଲ ମାଧବ | ।। |
| କିପରି ସୃଷ୍ଟି ବ୍ୟାପିଗଲା | । ଜୀବଜଗତ ବୃଦ୍ଧି ହେଲା | ।। |
| କୁହ ହେ ନାଥ ଦୟାବହି | । କରୁଣାକର ଭାବଗ୍ରାହୀ | ।। |

ଆଦି, ଅନାଦିଙ୍କ ସଂପର୍କରେ ଜାଣିବା ପରେ ଜ୍ଞାନ ପିପାସୁ ସେବକ ସ୍ତୁତି ନିବେଦନ ପୂର୍ବକ ପଚାରିଲା, ହେ ମୋର ହୃଦୟମଣି ! ମନରେ ମୋର ପ୍ରଶ୍ନ ଆସୁଛି ଯେ, ପ୍ରଣବରୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ତିନିଦେବ ସୃଷ୍ଟି ହେଲେ । ମାତ୍ର ଏ ବିଶାଳ ସୃଷ୍ଟି, ଅଗଣିତ ଜୀବଜଗତ କେଉଁଠାରୁ କିପରି ସୃଷ୍ଟି ହେଲା ? ସେହି କ୍ରମ ସମ୍ବନ୍ଧରେ ବୁଝାଇ ଦିଅନ୍ତୁ ।

କଲ୍ୟାଣମୟ ଭାବଗ୍ରାହୀ କହିଲେ :

ଶୁଣ ତୁ ବସ ମନଦେଇ । ପ୍ରଣବୁ ତିନିଦେବ ହୋଇ ॥
ବ୍ରହ୍ମାଙ୍କୁ ସୃଷ୍ଟିର ନିର୍ମାଣ । ବିଷ୍ଣୁଙ୍କୁ ଜଗତ ପାଳନ ॥
ମହେଶ୍ୱରଙ୍କୁ ସଂହାରର । କର୍ମ ବାଣ୍ଟିଲେ ନିରାକାର ॥
ସ୍ରଷ୍ଟାଙ୍କ ଆଜ୍ଞା ଶିରେ ନେଇ । ତ୍ରିଦେବ ନିଜ କର୍ମେ ରହି ॥
ପ୍ରଥମେ ଦେବତା ସୃଜିଲେ । ଦେବତା ମଣ୍ଡଳ ରଚିଲେ ॥
ବ୍ୟକ୍ତରୁ ବ୍ୟକ୍ତ ହେବାପରେ । ଜୀବ ସୃଜନ ଧରାପରେ ॥
ପ୍ରଣବ ହେଲା ମୂଳାଧାର । ସୃଷ୍ଟି ବୀଜର ସମାହାର ॥

ପ୍ରଭୁ-ବୁଝାଇ କହିଲେ ଯେ, ପ୍ରଣବ ସୃଷ୍ଟି ହେବାପରେ ଏହାକୁ ମୂଳାଧାର କରି ଏହିଠାରେ ସୃଷ୍ଟି ବୀଜକୁ ସାଇତି ରଖାଗଲା । କାରଣର ପ୍ରଣବରେ ବିନ୍ଦୁ-ଅର୍ଦ୍ଧମାତ୍ରା ସହ ପ୍ରକୃତି ପୁରୁଷ ମିଳିତ ହୋଇ ଜୀବର ସୃଷ୍ଟି ସୂତ୍ର ପ୍ରକଟ କଲେ । ସେହି ଇଚ୍ଛାନେଇ ବ୍ରହ୍ମାଙ୍କୁ ସୃଷ୍ଟି/ ଜୀବଜଗତ ନିର୍ମାଣ, ବିଷ୍ଣୁଙ୍କୁ ଜଗତ ପାଳନ ଓ ମହେଶ୍ୱରଙ୍କୁ ସଂହାରର ଦାୟିତ୍ୱ ଅର୍ପଣ କରାଗଲା । ଏହାପରେ ତ୍ରିଦେବ ସ୍ରଷ୍ଟାଙ୍କ ଆଦେଶ, ଆଜ୍ଞାକୁ ଗ୍ରହଣ କରି ଆଦି, ଅନାଦିଙ୍କ ନିର୍ଦ୍ଦେଶକ୍ରମେ କର୍ତ୍ତବ୍ୟ ସଂପାଦନ କରିବାକୁ ଲାଗିଲେ । ସୃଷ୍ଟି ନିର୍ମାଣର ପ୍ରଥମ ପର୍ଯ୍ୟାୟରେ ଦେବତାମାନଙ୍କର ଆବିର୍ଭାବ କରାଗଲା । ବ୍ୟକ୍ତ ବ୍ରହ୍ମରୁ ପୁନଶ୍ଚ ବ୍ୟକ୍ତ ହୋଇ ଏହି ଦେବତାମାନେ ବ୍ରହ୍ମଙ୍କର ଅଂଶ ବିଶେଷ ହୋଇ ମୂଳାଧାର ପ୍ରଣବର ଆଦେଶ, ନିର୍ଦ୍ଦେଶ ମାନିବାକୁ ପ୍ରସ୍ତୁତ ହୋଇ ରହିଲେ ।

ଜିଜ୍ଞାସୁ ସେବକ ପୁନର୍ବାର ପଚାରିଲା !

ହେ ପ୍ରଭୁ ! ବ୍ରହ୍ମାଣ୍ଡ ଗୋସାଇଁ । ଆଉ କଥାଏ ଦେବ କହି ॥
ଏ ଯେଉଁ ଦେବତା କହିଲେ । କିପରି ଶକ୍ତି ଯୁକ୍ତ ହେଲେ ॥
କେଉଁ ଭାବକୁ ଆଦରିଲେ । କିପରି ପ୍ରଣବୁ ପାଇଲେ ॥

ଭକ୍ତବତ୍ସଳ କରୁଣାମୟଙ୍କୁ ସେବକ ପଚାରିଲା, ହେ ପ୍ରଭୁ ! ଆପଣ ତ ନିଜେ ବ୍ରହ୍ମାଣ୍ଡ ଗୋସାଇଁ । ଯେଉଁ ଦେବତାମାନଙ୍କୁ ପ୍ରଥମେ ସୃଷ୍ଟି କରାଗଲା, ସେମାନେ କେଉଁ ଶକ୍ତି ଓ କେଉଁ ଭାବ ପ୍ରଣବରୁ ପ୍ରାପ୍ତ ହେଲେ ? କୃପାକରି ବୁଝାଇ ଦିଅନ୍ତୁ ।'

ଦୟାମୟ ଦୟାକରି କହିଲେ :

| | | |
|---|---|---|
| ଅସ୍ତିତ୍ୱ ଧାରଣର ପାଇଁ | । ଦେବତା ହୋଇଗଲେ ବାଇ | ॥ |
| ଅସ୍ଥିର ଢ଼ଳ ଢ଼ଳ ଭାବ | । ତରଳ ମନେ ନାହିଁ ନାବ | ॥ |
| ମନ, ଚୈତନ୍ୟ ନ ପାଇଲେ | । ସାତ୍ତ୍ୱିକ ଭାବ ନ ଜାଣିଲେ | ॥ |
| ପ୍ରଣବ ମଧ୍ୟେ ସର୍ବ ଶକ୍ତି | । ଗୁପ୍ତରେ ଯାଇ ହେଲା ସ୍ଥିତି | ॥ |
| ଦେବେ ଯେ ହେଲା ଅଗୋଚର | । ଚିନ୍ତିଲେ ଜ୍ଞାନ ବାରମ୍ବାର | ॥ |
| ଏ ଭାବେ କିନ୍ତୁ କଷ୍ଟ ଗଲା | । ତଥାପି କିଛି ହିଁ ନୋହିଲା | ॥ |

ଦେବତାମାନଙ୍କର ଏହି ଅବସ୍ଥା ପ୍ରଭୁଙ୍କ ଠାରୁ ଶୁଣି ସେବକଟି ଚମକି ଉଠିଲା । କରଯୋଡ଼ି ବାରମ୍ବାର ପ୍ରାର୍ଥନା କରିବାକୁ ଲାଗିଲା । ମନରେ ସାହସ ସଂଚୟ କରି ପୁନର୍ବାର ଅଳିକଲା:

| | | |
|---|---|---|
| ହେ ପ୍ରଭୁ ! ଜଗତ ଠାକୁର | । ତୁମର କଲ୍ୟାଣ ଅପାର | ॥ |
| କିପରି ଦେବେ ରକ୍ଷା ହେଲେ ? | କେଉଁ ଭାବକୁ ପ୍ରାପ୍ତ ହେଲେ | ?? |
| ମୋ ଠାରେ ଯଦି ଅଛି ଦୟା | । ବିସ୍ତାରି କୁହ ଫେଡ଼ି ମାୟା | ॥ |

ହେ ପ୍ରଭୁ ! ସୃଷ୍ଟିର ଆରମ୍ଭରେ ଦେବତାମାନେ ମଧ୍ୟ ଆପଣଙ୍କ ମାୟା, ଲୀଳା ବୁଝିବାକୁ ଅକ୍ଷମ ହୋଇଗଲେ । ମୁଁ ବା କି ଛାର । ତେଣୁ କେବଳ ଆପଣଙ୍କ ଅହେତୁକ କୃପା ହିଁ ମୋର ଭରସା । ହେ କରୁଣାମୟ ଯଦି ଏ ଅକିଞ୍ଚନ ପ୍ରତି ଦୟା ଅଛି, ତେବେ ମାୟା ପରିହାର କରି ମୋତେ ବୁଝାଇ ଦିଅନ୍ତୁ । ଦେବତାମାନେ କିପରି, କେଉଁଠାରୁ ଜ୍ଞାନ ପ୍ରାପ୍ତ ହେଲେ ?

କରୁଣାଭଣ୍ଡାର ପ୍ରେମାବତାର ମହାପ୍ରଭୁ ଭକ୍ତ ଭୟ ଅବସ୍ଥାଦେଖି ମୃଦୁ ମୃଦୁ ହସି ଦେଲେ । ଅଭୟଦାନ କରି କହିଲେ :

| | | |
|---|---|---|
| ଅନାଦି ନିଜ ଇଚ୍ଛା ବଳେ | । ସୃଷ୍ଟି ବିସ୍ତାର ଚିନ୍ତା କଲେ | ॥ |
| ସେହି ଇଚ୍ଛାର ଆଧାରରେ | । ଦେବତା ହୃଦ କନ୍ଦରରେ | ॥ |
| ଅସ୍ତିତ୍ୱ ପାଇଁ ବ୍ୟାକୁଳତା | । ଜନ୍ମାଇ ଦେଲେ ସୃଷ୍ଟି କର୍ତ୍ତା | ॥ |
| ଦେବତାମାନଙ୍କର ଭାବ | । ଗ୍ରହଣ କଲେ ଆଦି ସର୍ବ | ॥ |
| ଇଚ୍ଛିଲେ ଅନାଦିଙ୍କ ପାଶେ | । ଉପାୟ କର ଅବଶେଷେ | ॥ |
| ଦେବତା ନୁହଁନ୍ତି ଯେ ଥୟ | । ତରଳ ଭାବରେ ଅଥୟ | ॥ |
| ଏ ପରି ଅବସ୍ଥା ଚକ୍ରରେ | । ସୃଷ୍ଟି ବିସ୍ତାର ଯଦି କରେ | ॥ |
| କିପରି ପାଳନ ହୋଇବ | ? ଜୀବକୁ କିଏ ସାହାହେବ | ? |
| ତେଣୁ ହେ ବ୍ରହ୍ମାଣ୍ଡ ଗୋସାଇଁ | । "କଳ୍ପବୃକ୍ଷ" ସଭା ପାଇଁ | ॥ |

| | |
|---|---|
| ମନ, ଚୈତନ୍ୟ, ଶୁଦ୍ଧ ଭାବ | । ଦେବଙ୍କ ପାଇଁ ସୃଷ୍ଟି ହେବ ॥ |
| ତା ପରେ ସୃଷ୍ଟିର ବିସ୍ତାର | । କର ହେ ପ୍ରଭୁ ନିରାକାର ॥ |

ଜଗଦୀଶ୍ୱର ଠାକୁରେ କହିଲେ, ସ୍ରଷ୍ଟାଙ୍କର ଏହି ଅଭିନବ ଲୀଳା ପର୍ଯ୍ୟାୟ ଅତ୍ୟନ୍ତ ଚମତ୍କାର । ମନରେ ତାଙ୍କର ସୃଷ୍ଟି ବିସ୍ତାରର ଇଚ୍ଛା ଜାଗ୍ରତ ହେଲା । କିନ୍ତୁ ସୃଷ୍ଟି ବିସ୍ତାର ଲାଭ କଲେ ତାକୁ ଠିକ୍ ଭାବରେ ପରିଚାଳିତ କରିବା ପାଇଁ ସୃଷ୍ଟି ହୋଇଥିବା ଦେବମଣ୍ଡଳୀ ନିଜର ଅସ୍ତିତ୍ୱର ସ୍ୱତନ୍ତ୍ରତା ପାଇଁ ଆଦୌ ପ୍ରୟାସୀ ନ ହୋଇ ସର୍ବଦା ଢଳ ଢଳ ତରଳ ଭାବ ନେଇ ମଜ୍ଜି ରହୁଛନ୍ତି ଓ ନିର୍ଜୀବ, ନିସ୍ତେଜ ପ୍ରାୟ କାଳ କାଟୁଛନ୍ତି । ତେଣୁ ନିଜେ ଇଚ୍ଛାର ସୂକ୍ଷ୍ମ ଅବସ୍ଥା ନେଇ ଦେବତାମାନଙ୍କ ହୃଦୟରେ ପ୍ରବେଶ କଲେ ଓ ସେମାନଙ୍କ ମନରେ ଅସ୍ତିତ୍ୱର ସ୍ୱାତନ୍ତ୍ରତା ଭାବ ସୃଷ୍ଟି କରାଇ ଦେଲେ । ତାହାର ପ୍ରଭାବରେ ଦେବତାମାନେ ଆଦିମାତାଙ୍କୁ ପ୍ରାର୍ଥନା କଲେ । ଆଦି ସେମାନଙ୍କର ଅବସ୍ଥା ଗ୍ରହଣ କରି ଅନାଦିଙ୍କ ନିକଟରେ ପହଞ୍ଚାଇ ଦେଇ କହିଲେ, ''ପରିଚାଳକ 'ଦେବମଣ୍ଡଳୀଙ୍କର ତ ଏହି ଅବସ୍ଥା । ତେଣୁ ''କଳ୍ପବୃନ୍ତ''ର ଆଧାରରେ ସେମାନଙ୍କ ପାଇଁ ପ୍ରଥମେ ଶୁଦ୍ଧ ସାତ୍ତ୍ୱିକ ଭାବ, ମନ, ଚୈତନ୍ୟ ସୃଷ୍ଟି କରାନ୍ତୁ । ତା ପରେ ସୃଷ୍ଟି ବିସ୍ତାର କରନ୍ତୁ ।''

ଏହା ଶୁଣି ଅନୁଗତ ସେବକ ପଚାରିଲା :

| | |
|---|---|
| ଭୋ ଦେବ ! ଅନନ୍ତ ଗୋସାଇଁ | । ଏ କଥା ବୁଝି ନ ପାରଇ ॥ |
| ''କଳ୍ପବୃନ୍ତ'' ଯେ ନାମ ଦେଇ | । କହିଲେ ଆଦି ମହାମାଇ ॥ |
| କେଉଁଠି ଥିଲା ସେ ଆଧାର | । କିପାଇଁ ଦେବେ ଅଗୋଚର ॥ |
| କୁହ ହେ କରୁଣା ସାଗର | । ଦୀନବାନ୍ଧବ ସର୍ବେଶ୍ୱର ॥ |

ହେ ପ୍ରଭୁ ! ଆଦିମାତା ଯେଉଁ ''କଳ୍ପବୃନ୍ତର ଆଧାରରେ ଦେବତାମାନଙ୍କ ପାଇଁ ମନ, ଚୈତନ୍ୟ ଭାବ ସୃଷ୍ଟି ପାଇଁ ନିବେଦନ କଲେ ସେହି ''କଳ୍ପବୃନ୍ତ'' କେଉଁଠି ଥିଲା ? ଦେବତାମାନଙ୍କୁ ତାହା ଅଗୋଚର କାହିଁକି ? ହେଲା ? ଦୟାକରି କହିଦିଅନ୍ତୁ ।

ପ୍ରଭୁ କହିଲେ !

| | |
|---|---|
| ପ୍ରଣବ ମଧ୍ୟେ ସୂକ୍ଷ୍ମ ହୋଇ | । ମଣ୍ଡଳ ଏକ ଥିଲା ରହି ॥ |
| ଏହି ମଣ୍ଡଳେ ଶୁଦ୍ଧ ଭାବ | । ମନ, ଚୈତନ୍ୟ ଜ୍ଞାନ ସର୍ବ ॥ |
| ସୂକ୍ଷ୍ମ ବୀଜର ଆକାରରେ | । ଥିଲା ଯେ ସର୍ବ ଅଗୋଚରେ ॥ |
| ଆଦି ଯେ ଜାଣିଥିଲେ ତାହା | । ତେଣୁ ସେ ଦେବେ ହେଲେ ସାହା ॥ |
| ଏହାରି ନାମ ''କଳ୍ପବୃନ୍ତ'' | । କଳ୍ପ ପୂର୍ବରୁ ଥିଲା ସ୍ଥିତ ॥ |

ପ୍ରଭୁ କହିଲେ ! କଳ୍ପ ପୂର୍ବରୁ ''କଳ୍ପବୃନ୍ତ'' ନାମକ ଏକ ମଣ୍ଡଳ ସୃଷ୍ଟି ହୋଇ ସେଥିରେ ଶୁଦ୍ଧ ସାତ୍ତ୍ୱିକ ଭାବ, ମନ ଓ ଚୈତନ୍ୟର ବିସ୍ତାରିତ ସୂକ୍ଷ୍ମ ବୀଜ ଗଚ୍ଛିତ ହୋଇ ରହିଥିଲା । ପ୍ରଣବର ସୃଷ୍ଟି ପରେ ସେହି ମଣ୍ଡଳକୁ ପ୍ରଣବରେ ସ୍ଥାପନ କରାଯାଇଥିଲା । ଏହି ଗୋପନ କ୍ରିୟାକୁ ଆଦିଙ୍କ ବ୍ୟତୀତ ଅନ୍ୟ କେହି ଜାଣିନଥିଲେ । ତେଣୁ ଦେବତାମାନଙ୍କ ପାଇଁ ସେ ଅନାଦିଙ୍କ ନିକଟରେ ଦେବତାମାନଙ୍କୁ ସେହି ମଣ୍ଡଳୀୟ ଜ୍ଞାନ ପ୍ରାପ୍ତି ପାଇଁ ଅଳି କରିଥିଲେ ।

ଅସ୍ଥିରମନା ଭକ୍ତ ସେବକ ପୁନଶ୍ଚ ପ୍ରଶ୍ନକଲା :

**ଆଦିଙ୍କ ଇଚ୍ଛା ବ୍ୟକ୍ତ ପରେ । ଅନାଦି କେଉଁ ମାଧ୍ୟମରେ ।।**
**ରଚିଲେ ତାଙ୍କ ଲୀଳା ସୂତ୍ର । ଶ୍ରବଣେ ହୁଏ ମୁଁ ପବିତ୍ର ।।**

ହେ ପ୍ରଭୁ ! ଆଦିଙ୍କ ଇଚ୍ଛା ପ୍ରକଟିତ ହେବା ପରେ ଅନାଦି କିପରି ତାହାକୁ କାର୍ଯ୍ୟକାରୀ କଲେ, କେଉଁ ଲୀଳାସୂତ୍ର ସୃଷ୍ଟି କଲେ କୁହନ୍ତୁ । ତାହା ଶୁଣି ଏ ପାପଶରୀର ପବିତ୍ର ହୋଇଯାଉ । ଶ୍ରୀହରି ସହାସ୍ୟ ବଦନରେ କହିଲେ,

**ଅନାଦି ଲୀଳା ହିଁ ଅନନ୍ତ । କେହି ନ ଜାଣେ ଆଦିଅନ୍ତ ।।**
**କର୍ଣ୍ଣ ଗୁହରୁ ସ୍ୱଇଚ୍ଛାରେ । 'ବ୍ରହ୍ମମଞ୍ଜରୀ' ସୂତ୍ର ଡୋରେ ।।**
**ରଚିଲେ ବିଚିତ୍ର ଅସୁର । 'ବ୍ରହ୍ମକଟାକ୍ଷ' ନାମ ତାର ।।**
**ଅସୁର ଜନ୍ମ ନେଲା କ୍ଷଣି । ଅସ୍ଥିର ଭାବେ ହେଲା ଗୁଣି ।।**
**ଅତୀବ ଭୟଙ୍କର ବେଶ । ଦେଖି କମ୍ପିଲେ ସର୍ବଈଶ ।।**
**ସହସ୍ର ଦୁର୍ଦ୍ଧରୀ ଅଗ୍ନିରେ । ପୁରିଛି ଦୁଇ ଚକ୍ଷୁ ତାରେ ।।**
**ଚକ୍ଷୁ କୋଣୁ ସେ ଅଗ୍ନିକଣା । ନିର୍ଗତ ହୋଇ କଲାବଣା ।।**
**ପାଟିରୁ ଜାଜ୍ୱଲିତ ଜିହ୍ୱା । ଲହ ଲହରେ କମ୍ପେ ହିଆ ।।**
**ହସ୍ତ, ପଦକୁ ବିସ୍ତାରୁଛି । ମଣ୍ଡଳ ଗ୍ରାସ ଇଚ୍ଛୁଅଛି ।।**
**କିପରି ଶାନ୍ତ କରାଇବେ । ନ ପାଇ ପଥ ସର୍ବ ଦେବେ ।।**
**ଚିନ୍ତିଲେ ବ୍ରହ୍ମାପାଶେ ଯାଇ । ବ୍ରହ୍ମା ବି ଉପାୟ ନ ପାଇ ।।**
**ଅନାଦି ପଦ ଚିନ୍ତା କଲେ । ଉପାୟ ପାଇଁ ସ୍ତୁତି କଲେ ।।**

ଅନାଦିଙ୍କ ଲୀଳାର ଆଦି ନାହିଁ କି ଅନ୍ତ ନାହିଁ । ଆଦିଙ୍କ ଇଚ୍ଛାକୁ ଗ୍ରହଣ କରି ନିଜର କର୍ଣ୍ଣ ଗୁହରୁ ''ବ୍ରହ୍ମମଞ୍ଜରୀ'' ସୂତ୍ରରେ ''ବ୍ରହ୍ମକଟାକ୍ଷ'' ନାମକ ଏକ ଅସୁର ସୃଷ୍ଟି କରିଦେଲେ । ସେ ଅସୁର ଅତ୍ୟନ୍ତ ଭୟଙ୍କର । ତାର ଚକ୍ଷୁର ପ୍ରତିକୋଣରୁ ସହସ୍ର ଦୁର୍ଦ୍ଧରୀ ଅଗ୍ନି ବିଚ୍ଛୁରିତ ହେଉଛି । ପାଟିରୁ ଜାଜ୍ୱଲିତ ଜିହ୍ୱା ଲହଲହ ହୋଇ ସର୍ବଗ୍ରାସ କରି ଯିବାକୁ ଚାହୁଁଛି । ହସ୍ତ,

ପଦକୁ ଅସ୍ୱାଭାବିକ ଭାବରେ ବିସ୍ତାର କରୁଛି । ଏପରି ଏକ ଅଦ୍ଭୁତ ଅସୁରର ଆବିର୍ଭାବରେ ସର୍ବଦେବଗଣ ଭୟଭୀତ ହୋଇ ବ୍ରହ୍ମାଙ୍କ ଶରଣ ପଶିଲେ । ବ୍ରହ୍ମା ମଧ୍ୟ ନିରୁପାୟ ହୋଇ ଶେଷରେ ସେହି ପରମେଶ ଅନାଦିଙ୍କୁ ସ୍ତୁତି କରିବାକୁ ଲାଗିଲେ ।

**ବ୍ରହ୍ମାଙ୍କ ସ୍ତୁତିରେ ସନ୍ତୋଷ । ହୋଇଲେ ଅନାଦି ପୁରୁଷ ।।**
**କହିଲେ ବ୍ରହ୍ମାଙ୍କୁ ବୁଝାଇ । ଶୁଣହେ ବ୍ରହ୍ମା ସ୍ଥିର ହୋଇ ।।**
**ଆଦି, ଅନାଦି ବିନ୍ଦୁ ନାଦ । କୌଶ୍ୱୀକ ମଣ୍ଡଳର ଭେଦ ।।**
**ଏହି ମଣ୍ଡଳ ଭାବ ନେଇ । ମୋହିନୀ କନ୍ୟା ସୃଷ୍ଟି ହୋଇ ।।**
**ସପ୍ତ ତତ୍ତ୍ୱରେ ସପ୍ତ କନ୍ୟା । କରିଲେ ବ୍ରହ୍ମ ଉପାସନା ।।**
**ଏକତ୍ର ହୋଇ କନ୍ୟାଗଣ । ଉପାସ୍ୟ ଭାବେ ବ୍ରହ୍ମଗୁଣ ।।**
**ଜ୍ୟୋତି ମଣ୍ଡଳ ଅଛି ରହି । ବ୍ରହ୍ମବୈବର୍ତ୍ତଙ୍କ ନାମ ହୋଇ ।।**
**ସେ ଜ୍ୟୋତିବ୍ରହ୍ମ ଧ୍ୟାନ କଲେ । ସୃଷ୍ଟି ଯେ ଶାନ୍ତି ହେବ ଭଲେ ।।**

ବ୍ରହ୍ମାଙ୍କ ସ୍ତୁତିରେ ସନ୍ତୁଷ୍ଟ ହୋଇ ଅନାଦି କହିଲେ, ''ଆଦି ଅନାଦି''ର ବିନ୍ଦୁନାଦ କୌଶ୍ୱିକ ମଣ୍ଡଳର ମୋହିନୀ କନ୍ୟା ସୃଷ୍ଟି କଲେ, ଏ ସମସ୍ୟା ସମାଧାନ ହେବ । ସପ୍ତ ଭାବରେ ପୂର୍ଣ୍ଣତା ଲାଭ କରି ସପ୍ତକନ୍ୟା ସୃଷ୍ଟି ହୋଇ ଏକତ୍ର ଭାବରେ ଏକ ବ୍ରହ୍ମଙ୍କୁ ଉପାସ୍ୟ ଭାବରେ ଗ୍ରହଣ କରିବେ । ବ୍ରହ୍ମବୈବର୍ତ୍ତଙ୍କ ଜ୍ୟୋତି ମଣ୍ଡଳକୁ ଧ୍ୟାନ କଲେ ସୃଷ୍ଟି ଶାନ୍ତ ହେବ ।

ଜିଜ୍ଞାସୁ ଆକୁଳ ହୋଇ ନିବେଦନ କଲା,

**ହେ ପ୍ରଭୁ ! ଅନାଥର ନାଥ । ପୁରାଅ ସର୍ବ ମନୋରଥ ।।**
**କିଏ ସେ ସପ୍ତତତ୍ତ୍ୱକନ୍ୟା । କିପରି କଲେ ଆରାଧନା ।।**
**କାହିଁକି ଏହି ଲୀଳା ହେଲା ? ଏ ମୂଢ଼ ବୁଝି ନ ପାରିଲା ।।**
**କେଉଁ ନାମେ ବିହରିଲେ ? କିପରି ସୃଷ୍ଟି ଶାନ୍ତ କଲେ ?**
**କେଉଁଠୁ ହେଲେ ଉତପନ୍ନ । କୁହନ୍ତୁ ପ୍ରଭୁ ଭକ୍ତ ଧନ ।।**

ହେ ପ୍ରଭୁ ! ଯେଉଁ ସପ୍ତ କନ୍ୟାଙ୍କ କଥା କହିଲେ, ସେମାନେ କେଉଁଠାରୁ କିପରି ସୃଷ୍ଟିହେଲେ ? କେଉଁ ନାମରେ ପରିଚିତ ହେଲେ ? କେଉଁ ସୂତ୍ରରେ ଆରାଧନା କଲେ ? ସେ ସମସ୍ତ ରହସ୍ୟ କହି ମୋର ଜୀବନ ଧନ୍ୟ କରନ୍ତୁ । ପ୍ରଭୁ ପରମେଶ ସନ୍ତୋଷ ବଦନରେ କହିଲେ ।

**ଶୁଣ ତୁ ମୋର ପ୍ରିୟ ଶିଷ୍ୟ । ସପ୍ତ ତତ୍ତ୍ୱ କନ୍ୟା ରହସ୍ୟ ।।**
**'ଅନାଦି' 'ଚୈତହ' ଶବଦ । 'ଆହ୍ୱତତ୍ତ୍ୱା' ମଣ୍ଡଳ ଭେଦ ।।**
**ଏଠାରୁ ଜାତ ହେଲେ କନ୍ୟା । ତକ୍ଷୁରୁ ବହେ ଅଗ୍ନି ବନ୍ୟା ।।**

ତେଜସ୍ୱୀ ମୁଖ ମଣ୍ଡଳରୁ । ଅସୀମ ସୌନ୍ଦର୍ଯ୍ୟରେ ଗରୁ ॥
କହୁଛି ତାଙ୍କ ନାମ ଗୁଣ । ଧୀର ମନରେ ତାହା ଶୁଣ ॥
''ମାହସ୍ୱିନୀ' ଯେ ତତ୍ତ୍ୱକନ୍ୟା । ଜ୍ୟୋତି ଶବଦ ତତ୍ତ୍ୱଜ୍ଞାନା ॥
ଚୈତହ ତତ୍ତ୍ୱଜ୍ଞାନ ଧରି । ସପ୍ତଲୋକକୁ ଅବତରି ॥
ପ୍ରକୃତି ମାୟାରେ ବାନ୍ଧିଲେ । ସାତ୍ତ୍ୱିକ ଗୁଣେ ମଜ୍ଜିଗଲେ ॥
ଆବର କନ୍ୟା ''ଭରାୟିନୀ'' । ସୌରତତ୍ତ୍ୱର ଅଂଶ ଘେନି ॥
ଚଉରାଅଶି ମଣ୍ଡଳରୁ । ବାଷଠି ଅଂଶେ ମହାମେରୁ ॥
ତୃତୀୟ କନ୍ୟା 'ପ୍ରଜ୍ଞାହୂତି'' । ଦେବ ଲୋକରେ ତାଙ୍କ ସ୍ଥିତି ॥
ପ୍ରଜ୍ଞାତତ୍ତ୍ୱର ମାୟା ରୂପ । ଅଟଇ ତାଙ୍କର ସ୍ୱରୂପ ॥
ଚତୁର୍ଥେ ''ହ୍ଲାଦମତି'' କନ୍ୟା । ଆଦିଙ୍କ ଅଙ୍ଗେ ମହାମନା ॥
'କାରଣ' ଜ୍ୟୋତି ମଣ୍ଡଳରୁ । ସୂକ୍ଷ୍ମକୁ ଆସିବା ଦ୍ୱାରରୁ ॥
ଯେଉଁ ପଥରେ ହୁଏ ଗତି । ଅଂଶୀଦାର ସେ ତତ୍ତ୍ୱମତି ॥
''ଉର୍ଜ୍ଜନା'' ପଞ୍ଚକନ୍ୟା ନାମେ । ଉତ୍ପନ୍ନ ହେଲେ ସ୍ଥୂଳ ଧାମେ ॥
ସ୍ଥୂଳ ଜଗତେ ବିକଳ୍ପ । ପନ୍ଥା ଓ ମାୟାର ସ୍ୱରୂପ ॥
ସୂକ୍ଷ୍ମ ତତ୍ତ୍ୱକୁ ସ୍ଥୂଳେ ଧରି । ରହିଲେ ଧରାକୁ ଆବୋରି ॥
ଷଷ୍ଠରେ ''ସୃର୍ଜ୍ଜୟନା'' ଦେବୀ । ଶବ୍ଦ ନାଦର ଅନୁଭବି ॥
ଯୋଗର କେନ୍ଦ୍ର ସ୍ଥଳେ ରହି । ''ତତ୍ତ୍ୱ''ର ମାୟାରୂପ କହି ॥
ଏଠାରେ ସୂକ୍ଷ୍ମରେ ରହିଲେ । ଜୀବେ ଆଶିଷ ଦାନକଲେ ॥
ସପତ କନ୍ୟା ''ସ୍ୱଭାପ୍ରଜ୍ଞା'' । ଅପୂର୍ବ ଅଟେ ତାଙ୍କ ସଜ୍ଞା ॥
ପ୍ରଜ୍ଞା ହେତୁର ପ୍ରସାରଣ । ମାନବ ଶରୀରେ ତାରଣ ॥
ଏ ସୂତ୍ର ସୂକ୍ଷ୍ମେ ହସ୍ତେଧରି । ବ୍ରହ୍ମ ଆଦେଶ ମନେ ଭରି ॥
ରହିଲେ ସୂକ୍ଷ୍ମ ସଭା ନେଇ । ସାଧୁ, ସନ୍ଥକୁ ପଥ ଦେଇ ॥
ଯତି, ମୁନି ମହାପୁରୁଷ । ସଭିଙ୍କି ଦେଲେ ସେ ଆଶିଷ ॥

ପରମକାରୁଣିକ ପରମେଶ୍ୱର କହିଲେ ! ଅନାଦିଙ୍କ ଚୈତହ ଶବ୍ଦରେ ଥିବା ''ଆହ୍ୱତତ୍ତ୍ୱା'' ମଣ୍ଡଳରୁ ଏହି ସପ୍ତ କନ୍ୟା ଜାତ ହେଲେ । ଅପରୂପ ସୌନ୍ଦର୍ଯ୍ୟର ଅଧିକାରିଣୀ ଏହି ତତ୍ତ୍ୱକନ୍ୟାମାନଙ୍କର ତେଜସ୍ୱ ମୁଖମଣ୍ଡଳରେ ଜ୍ୟୋତିର ଆଭା ପ୍ରକଟିତ ହେଉଥିଲା । ଚକ୍ଷୁର ଅଗ୍ନିସମ ଜ୍ୟୋତିକଣା ନିର୍ଗତ ହେଉଥିଲା । ସେମାନଙ୍କର ନାମ ଧାମ ବର୍ଣ୍ଣନା କରୁଛି ଶୁଣ ।

୧. ପ୍ରଥମ କନ୍ୟା- ମାହସ୍ୱିନୀ : ଏହିକନ୍ୟା ଜ୍ୟୋତିର ଶବ୍ଦ ଚୈତହ ତତ୍ତ୍ୱଜ୍ଞାନ ନାମ କରଣରେ ରହନ୍ତି । ସପ୍ତଲୋକର ପ୍ରକୃତି ମାୟାରେ ନିଜକୁ ବିସ୍ତାର କରି ସୂକ୍ଷ୍ମରେ ରହିଥାନ୍ତି ।

୨. ଦ୍ୱିତୀୟ କନ୍ୟା- ଉଭାୟିନୀ : ସୌରତତ୍ତ୍ୱଜ୍ଞାନର ଚଉରାଅଶି ମଣ୍ଡଳ ତତ୍ତ୍ୱ ମଧ୍ୟରୁ ବାଷଠି ମଣ୍ଡଳର ଅଂଶୀଦାର ହୋଇ ଏହି ମହାଶକ୍ତି ରହିଛନ୍ତି ।

୩. ତୃତୀୟ କନ୍ୟା- ପ୍ରଜ୍ଞାହୂତି : ଦେବଲୋକର ପ୍ରଜ୍ଞାତତ୍ତ୍ୱରେ ମାୟାର ଅଂଶନେଇ ଏହି ଦେବୀ ଅବସ୍ଥାନ କରିଥାନ୍ତି ।

୪. ଚତୁର୍ଥ କନ୍ୟା- ହ୍ଲାଦମତି : ଏହି ଦେବୀ ଆଦିଙ୍କ ଅଙ୍ଗ ସମ୍ଭୂତା ଅଟନ୍ତି । କାରଣ ଜ୍ୟୋତି ମଣ୍ଡଳରୁ ସୂକ୍ଷ୍ମକୁ ଆସିବା ଦ୍ୱାରରେ ଥିବା ତତ୍ତ୍ୱମତିର ଅଂଶୀଦାର ହୋଇ ଏହି ଦେବୀ କାରଣ-ସୂକ୍ଷ୍ମ ପଥକୁ ନିୟନ୍ତ୍ରଣ କରନ୍ତି ।

୫. ପଞ୍ଚମ କନ୍ୟା- ଉର୍ଜ୍ଜନା : ସ୍ଥୂଳ ଜଗତର ସମସ୍ତ ବିକଳ୍ପ ପନ୍ଥା ଓ ବିକଳ୍ପ ମାୟା ତତ୍ତ୍ୱର ଅଂଶୀଦାର ହୋଇ ଏହି ତତ୍ତ୍ୱକନ୍ୟା ଅବସ୍ଥାନ କରିଅଛନ୍ତି ଏବଂ ତଦନୁସାରେ ନିୟନ୍ତ୍ରଣ କରୁଛନ୍ତି ।

୬. ଷଷ୍ଠ କନ୍ୟା-ସ୍ୱର୍ଜ୍ଜୟନା : ଶବ୍ଦନାଦ ଯୋଗର କେନ୍ଦ୍ର ସ୍ଥଳରେ ଯେଉଁ ତତ୍ତ୍ୱ ମାୟାରୂପେ ରହିଅଛି-ସେହି ମାୟାରେ ଅବସ୍ଥାନ କରି ଜୀବଜଗତକୁ ଆଶୀଷ ପ୍ରଦାନ କରନ୍ତି ।

୭. ସପ୍ତମ କନ୍ୟା-ସ୍ୱଭାପ୍ରଜ୍ଞା : ପ୍ରଜ୍ଞାରୁ ହେତୁ ଆଣିବା ସୂତ୍ରର ଅଧିକାରିଣୀ ଏହି ଦେବୀ ସାଧୁ, ସନ୍ଥ, ଯତି, ମୁନି, ପୁରୁଷ, ମହାପୁରୁଷମାନଙ୍କ ହେତୁ, ଚେତନା ପ୍ରାପ୍ତି ପାଇଁ ଆଶୀଷ ପ୍ରଦାନ କରି ସୂତ୍ର ବତାଇ ଦିଅନ୍ତି ।

ଏହାହିଁ ସପ୍ତତତ୍ତ୍ୱକନ୍ୟାଙ୍କ ଆବିର୍ଭାବ ସଂପର୍କିତ ସଂକ୍ଷେପ ସୂଚନା ।

ଏହାପରେ ତତ୍ତ୍ୱକନ୍ୟା କଣ କଲେ ଶୁଣ ।

**ବ୍ରହ୍ମଙ୍କ ନିର୍ଦ୍ଦେଶ ଲଭିଲେ । ସାତ୍ତ୍ୱିକ ଭାବ ଆଦରିଲେ ॥**<br>
**ଚୈତନ୍ୟ 'ସଦ୍ ଶୁଦ୍ଧି' କରି । ବ୍ରହ୍ମଙ୍କୁ ଏକାକ୍ଷରେ ବରି ॥**

ଏକ ଅକ୍ଷର ସୂତ୍ରୀ ମତ । ସୂକ୍ଷ୍ମରୁ କାରଣ ଜଗତ ॥
ଆହୂତ ଧ୍ୱନି ଅଗ୍ନି କଣା । ସମସ୍ତ ସୂକ୍ଷ୍ମେ ହେଲା ଜଣା ॥
ବ୍ରହ୍ମ ବୈବର୍ତ୍ତକ ମଣ୍ଡଳ । ତା ମଧ୍ୟେ ଜ୍ୟୋତି ଢ଼ଳଢ଼ଳ ॥
ସେ ଜ୍ୟୋତି ଧ୍ୟାନ ସର୍ବେ କରି । ବ୍ରହ୍ମଙ୍କୁ ଉପାସ୍ୟରେ ବରି ॥
ଆଚରିଗଲେ ବହୁତପ । ଭ୍ରୁକ୍ଷେପ ନ କରି ସନ୍ତାପ ॥
ସେ ଧ୍ୟାନେ ମଗ୍ନ ଥାଇ ନାରୀ । ଦେଖିଲେ ବ୍ରହ୍ମାକ୍ଷର ସୂତ୍ରୀ ॥
ଅ, ଉ, ମ ଶବ୍ଦ ନାଦ ବ୍ରହ୍ମ । ସର୍ବ ଶୁଦ୍ଧିରେ ଅବତୀର୍ଣ୍ଣ ॥
କୋଟି ଅଗ୍ନି ସୂତ୍ର ଜ୍ୟୋତିରେ । ଜ୍ୱଳନ୍ତ ପ୍ରାୟ ଚକ୍ଷୁ ସ୍ଫୁରେ ॥
ଏ ରୂପ ଦେଖି ଭୟପାଇ । ବିଷ୍ଣୁଙ୍କ ପାଶେ ଗଲେ ଧାଇଁ ॥
ଚରଣ ବନ୍ଦିଲେ ଶ୍ରଦ୍ଧାରେ । ବର୍ଣ୍ଣନା କରିଲେ ସଧୀରେ ॥
ଉପାୟ ବାଞ୍ଛାକର ଦେବୀ । ରହିଲେ ବିଷ୍ଣୁ ପଦସେବି ॥

ବ୍ରହ୍ମଙ୍କ ନିର୍ଦ୍ଦେଶକ୍ରମେ ଏହି ସପ୍ତତତ୍ତ୍ୱ କନ୍ୟାମାନେ ସାତ୍ତ୍ୱିକ ଭାବକୁ ଶ୍ରେୟ କରି ଚୈତନ୍ୟ "ସଦ୍ ଶୁଦ୍ଧି"ରେ ବ୍ରହ୍ମଙ୍କୁ ଏକ ଅକ୍ଷର ସୂତ୍ରୀ ମତରେ ସୂକ୍ଷ୍ମରୁ କାରଣ ଜଗତ ପର୍ଯ୍ୟନ୍ତ ଚିନ୍ତା କରିବାକୁ ଲାଗିଲେ । ଏହି ପଥରେ ଆହୂତ ଧ୍ୱନୀ, ଅଗ୍ନିକଣା ସେମାନଙ୍କୁ ସୂକ୍ଷ୍ମରେ ଜଣା ପଡ଼ିଲା । ସେହି ସୂକ୍ଷ୍ମ ସୂତ୍ରକୁ କବଚ କରି ସେମାନେ ଏକତ୍ର ହୋଇ "ଏକବ୍ରହ୍ମ"ଙ୍କୁ ଉପାସ୍ୟ ଭାବେ ଗ୍ରହଣ କଲେ । ବ୍ରହ୍ମ ବୈବର୍ତ୍ତକ ଜ୍ୟୋତି ମଣ୍ଡଳକୁ ଧ୍ୟାନ କରି ମଗ୍ନ ହୋଇଗଲେ । ଧ୍ୟାନମଗ୍ନ ଅବସ୍ଥାରେ ବ୍ରହ୍ମଙ୍କ ଅକ୍ଷର ସ୍ୱରୂପ ସୂତ୍ରୀ ନିର୍ମାଣ ହୋଇଗଲା । କନ୍ୟାମାନେ ଦେଖିଲେ 'ଅ' 'ଉ' 'ମ' ଏହି ତିନି ଅକ୍ଷର ବ୍ରହ୍ମ ଏକତ୍ର ହୋଇ ଶବ୍ଦ ନାଦରେ ପୂର୍ଣ୍ଣ ହୋଇଯାଇଛନ୍ତି । ଏହି ବ୍ରହ୍ମ କୋଟି କୋଟି ଅଗ୍ନି ସୂତ୍ର ଜ୍ୟୋତି ରୂପରେ ପ୍ରକଟିତ ହେବାରେ ଲାଗିଛନ୍ତି । ଉକ୍ତ ଅବସ୍ଥା ଦେଖି କନ୍ୟାମାନେ ଭୟଭୀତା ହୋଇ ବିଷ୍ଣୁଙ୍କ ନିକଟକୁ ଧାଇଁଗଲେ । ବିଷ୍ଣୁଙ୍କ ଚରଣ ବନ୍ଦନା କରି ଏହାର ଉପାୟ ଓ ପରବର୍ତ୍ତୀ କର୍ମ, କର୍ତ୍ତବ୍ୟ ସମ୍ପର୍କରେ ଜିଜ୍ଞାସା କଲେ । ଏହାପରେ ଜଣ ହେଲା ମନ ଦେଇ ଶୁଣ ।

ସ୍ୱର୍ଗର 'କଟାକ୍ଷନ୍ତ' ଅଗ୍ନି । ଅକ୍ଷର ସଙ୍ଗେ ଛନ୍ତି ଘେନି ॥
ଏ ଅଗ୍ନି ଶାନ୍ତ କରିବାକୁ । ପ୍ରାର୍ଥନା କରିଲେ ବିଷ୍ଣୁଙ୍କୁ ॥
ବିଷ୍ଣୁ କହିଲେ ଶୁଣ ଦେବୀ । ଅକ୍ଷର ବିନ୍ଦୁ ନାଦ ଦେବି ॥

ଏକ ହଜାର ସତଷଠି । ମୌଳିକ ନାଦ ବିନ୍ଦୁ ସେଠି ॥
ସେଥିରୁ ଏକଶତ ଆଠ । ସ୍ମରଣେ ନାଦ ବିନ୍ଦୁ ମାଠ ॥

ସପ୍ତକନ୍ୟାମାନେ କହିଲେ, ଭୋଦେବ ! ସ୍ୱର୍ଗପୁରୀର "କଟାକ୍ଷତ ଅଗ୍ନି" କୋଟି ଅଗ୍ନି ତେଜ ନେଇ ଅକ୍ଷର ବ୍ରହ୍ମ ସହ ଏକତ୍ର ହେଉଛନ୍ତି । ଏହାକୁ ଶାନ୍ତ କରିବାକୁ ଉପାୟ ବତାଇ ଦିଅନ୍ତୁ । ବିଷ୍ଣୁ ସଦୟ ହୋଇ କହିଲେ ଓଁ କାର (ଅ,ଉ,ମ) ଅକ୍ଷର ବ୍ରହ୍ମରେ "ଏକହଜାର ସତଷଠି", ମୌଳିକ ବ୍ରହ୍ମନାଦ ବିନ୍ଦୁ ଅଛି । ଏମାନଙ୍କ ମଧ୍ୟରୁ ତୁମେ ଏକଶତ ଆଠ ବ୍ରହ୍ମନାଦ ବିନ୍ଦୁଙ୍କୁ ସ୍ମରଣ କରି ଧ୍ୟାନ କର ।

ବ୍ରହ୍ମସୂତ୍ରୀରୁ ଜାତ ହୁଅ । ନାଦ ବିନ୍ଦୁରେ ଯୋଗ ହୁଅ ॥
ଅଗ୍ନିର ଆହୂତିକ ଚେତା । ଚିନ୍ତିବ ବ୍ରହ୍ମାଣ୍ଡ କରତା ॥
ବ୍ରହ୍ମ ଯଜ୍ଞ ପୁରୁଷ ରୂପେ । ସୃଜିବ ବ୍ରହ୍ମଙ୍କୁ ସ୍ୱରୂପେ ॥
କରିବ ଯୋଗ ଯାଗ ଯଜ୍ଞ । ସିଦ୍ଧିରେ ହୋଇବ ଅଭିଜ୍ଞ ॥
ଯଜ୍ଞରୁ ସେ ଯଜ୍ଞ ପୁରୁଷ । ହୋଇବେ ଏକାକ୍ଷରୀ ବେଶ ॥
ବ୍ରହ୍ମକଳ୍ପ ସୂତ୍ରୀକୁ ଧରି । ବ୍ରହ୍ମ ଏକାକ୍ଷରକୁ ସ୍ମରି ॥
ଶାନ୍ତ କରିବ ଅଗ୍ନି କୋପ । ରଟିବ ଏକାକ୍ଷର ଜପ ॥
ଶୁଣରେ ବତ୍ସ ମନ ଦେଇ । ଏହାକୁ ଏକାକ୍ଷର କହି ॥

ଦେବୀମାନଙ୍କୁ ବିଷ୍ଣୁ ପୁନଶ୍ଚ କହିଲେ, ତୁମେମାନେ ବ୍ରହ୍ମସୂତ୍ରୀରୁ ଜାଗ୍ରତ ହୁଅ । ନାଦ ବିନ୍ଦୁରେ ଯୋଗ ହୋଇ ଅଗ୍ନିର ଆହୂତିକ ଚେତାରୁ ବ୍ରହ୍ମ ଯଜ୍ଞ ପୁରୁଷଙ୍କୁ ସୃଷ୍ଟି କର । ଯୋଗ ହେବା ପରେ ଯୋଗ, ଯାଗ ଓ ଯଜ୍ଞ କର । ସେହି ଯଜ୍ଞରୁ ବ୍ରହ୍ମାଣ୍ଡକର୍ତ୍ତା ତିନିଅକ୍ଷର, ନାଦ, ବିନ୍ଦୁ, ଅର୍ଦ୍ଧମାତ୍ରାକୁ ଏକତ୍ର କରି ବ୍ରହ୍ମ ଏକଅକ୍ଷର ମୂର୍ତ୍ତି ଧାରଣ କରି ପ୍ରକାଶିତ ହେବେ । ତାଙ୍କରି କରୁଣା ପ୍ରାପ୍ତ ହେଲେ "କଟାକ୍ଷତ ଅଗ୍ନି" ଶାନ୍ତ ହେବ । ସୃଷ୍ଟି ଶାନ୍ତ ହେବ ଓ ସୃଷ୍ଟିରେ ଏକାକ୍ଷର ବ୍ରହ୍ମ ପ୍ରକାଶିତ ହୋଇ ଏକବ୍ରହ୍ମ ସୂତ୍ର ପ୍ରକଟ ହେବ ।

ପ୍ରଭୁ ଦୟାମୟ ଏହି ରହସ୍ୟ ବର୍ଣ୍ଣନା ପ୍ରିୟ ସେବକଙ୍କୁ କହିଲେ "ତୁ ଯେଉଁ ବ୍ରହ୍ମ ଏକାକ୍ଷର ସମ୍ପର୍କରେ ଜାଣିବାକୁ ଚାହିଁଥିଲୁ, ଏହାହିଁ ତା'ର ରହସ୍ୟ ।"

ଏହାପରେ ଜିଜ୍ଞାସୁ ସେବକ ପୁନଃ ପୁନଃ ସ୍ତୁତି ପାଠକରି ପ୍ରାର୍ଥନା କଲା :

ଭୋ ଦେବ ମହିମା ସାଗର । ଦୀନ ଦରିଦ୍ରେ ଦୟା କର ॥
ଆଶିଷ ସୁଧା ରାଶି ରାଶି । ଯାଉଛି ଶ୍ରୀମୁଖୁ ବରଷି ॥

ଅକ୍ଷର କିପରି ସୃଜିଲା । ଅଣଅକ୍ଷର କିଏ ହେଲା ।।
କାହିଁକି ଏହା ସୃଷ୍ଟି ହେଲା । ତାହା ତ ଜଣା ନ ପଡ଼ିଲା ।।
କୃପାକର ହେ କୃପାମୟ । ମନ ମୋ ହେଉଛି ଅଥୟ ।।

ହେ ପ୍ରଭୁ ! ଅକ୍ଷର କିପରି, କାହିଁକି ସୃଷ୍ଟି ହେଲା । ଅଣାକ୍ଷର ବ୍ରହ୍ମ କିଏ ହେଲା । କୃପାକରି ସେ ରହସ୍ୟ ଉନ୍ମୋଚନ କରି ଧନ୍ୟ କରାନ୍ତୁ । କରୁଣାଘନ ମୂର୍ତ୍ତି ଠାକୁରେ ଆନନ୍ଦ ଚିତ୍ତରେ କହିଲେ:

ଶୁଣରେ ବାବୁ ଧୀର ଚିତ୍ତେ । ବ୍ରହ୍ମ ଅକ୍ଷର ସୂତ୍ର ବ୍ରତେ ।।
ସ୍ରଷ୍ଟାଙ୍କ ସୃଷ୍ଟି ମଧୁମୟ । ଜୀବ ଜଗତ ସୁଧାମୟ ।।
ଜୀବର କଲ୍ୟାଣ ନିମନ୍ତେ । ସୃଜନ୍ତି ଲୀଳା ନାନା ମତେ ।।
ଋଷି ମୁନିଙ୍କ ମାଧ୍ୟମରେ । ଦିଅନ୍ତି ଆଶିଷ ଧରାରେ ।।
ବିଭିନ୍ନ ଚେର, ମୂଳ, ଫଳ । ବକ୍‌କଳ ମୃତ୍ତିକା ଯେ ଫୁଲ ।।
ବୃକ୍ଷର କାଷ୍ଠ, ବସ୍ତୁ, ଧାତୁ । ଅନେକ ରୋଗଙ୍କର ସେତୁ ।।
ନିର୍ମାଣ କରି ସେ ଅନାଦି । ଜୀବର ସମସ୍ୟାକୁ ଭେଦି ।।
ଅଶେଷ କଲ୍ୟାଣ ଦିଅନ୍ତି । ଦୁଃଖୀର ଦୁଃଖ ହରିନ୍ୟନ୍ତି ।।

ପ୍ରଭୁ କହିଲେ- ଜଗତକର୍ତ୍ତା ଏ ସୃଷ୍ଟିକୁ ତିଆରି କରି ଜୀବଜଗତ ପାଇଁ ସମସ୍ତ ପ୍ରକାର ସୁବିଧା, ଚଳନି ପାଇଁ ଋଷିସମାଜ ତଥା ମୁନିଙ୍କ ଦ୍ୱାରା ଧରାଧାମକୁ ଆଶିଷ ପ୍ରଦାନ କରିଥାଆନ୍ତି । ସମସ୍ତ ପ୍ରକାର ରୋଗ ଚିକିତ୍ସା ପାଇଁ ଚେର, ମୂଳ, ଫଳ, ଫୁଲ, ବକ୍‌କଳ ଓ ମୃତ୍ତିକା, ବସ୍ତୁ, ଧାତୁ ଇତ୍ୟାଦି ନିର୍ମାଣ କରି ଜନ ହିତକର କାର୍ଯ୍ୟରେ ନିୟୋଜିତ କରିଛନ୍ତି ।

ରାଷ୍ଟ୍ର, ସମାଜ, ଗୃହ, ବ୍ୟକ୍ତି । ଧରମ, ସଭ୍ୟତା, ସଂସ୍କୃତି ।।
ଆଚରଣ ଯେ ସଦାଚାର । ସମସ୍ତ ପାଳନ ବେଭାର ।।
ଧର୍ମ ରକ୍ଷାର ଯେତେ ସୂତ୍ର । ସୃଜିଲେ ସ୍ରଷ୍ଟା ଦେଇ ଛତ୍ର ।।
ମୁନି, ଋଷିଙ୍କୁ ମୂଳ କରି । ବାଣ୍ଟିଲେ ଯେତେ ଶବ୍ଦାକ୍ଷରୀ ।।
ଯେତେ ଦର୍ଶନ ତତ୍ତ୍ୱସୂତ୍ରୀ । ଖଞ୍ଜିଲେ ଦେଇ ବ୍ରହ୍ମ ସୂତ୍ରୀ ।।
ଯୋଗରେ ଗୁପତ ରଖିଲେ । ଯୋଗୀଏ ଧ୍ୟାନରେ ଦେଖିଲେ ।।

ରାଷ୍ଟ୍ର, ସମାଜ, ଗୃହ ଓ ବ୍ୟକ୍ତିର ସଭ୍ୟତା, ସଂସ୍କୃତି, ଧର୍ମରେ ଅନୁପ୍ରାଣୀତ ହୋଇ, ନରନାରୀ କିପରି ସଭ୍ୟତା, ଆଚରଣ, ସଦାଚାର ପାଳନ କରି ଧର୍ମରକ୍ଷା କରି ପାରିବେ, ସ୍ରଷ୍ଟା ସେଥିପାଇଁ ତାଙ୍କ ଇଚ୍ଛାରେ କେତୋଟି ଅକ୍ଷର, ଶବ୍ଦ, ଉଚ୍ଚାରଣ ମୁନିମାନଙ୍କ ଦ୍ୱାରା ଦର୍ଶନ ତତ୍ତ୍ୱ ସୂତ୍ରୀ ମାଧ୍ୟମରେ ଦର୍ଶନ କରାଇ ଧରାପୃଷ୍ଠକୁ ଅବତରଣ କରାଇଛନ୍ତି । ଏହି ସୂତ୍ର ଅତି ଗୋପନ ଭାବରେ ଅକ୍ଷର ମଧ୍ୟରେ ଲୁକ୍କାୟିତ ରଖି କେବଳ ଯୋଗରେ ଦର୍ଶନ କରିବାର, ଅନୁଭବ କରିବାର ଆଶୀଷ ପ୍ରଦାନ କରିଛନ୍ତି ।

ମର୍ତ୍ତ୍ୟରେ ଯେତେ ଭାଷା ଅଛି । ଅକ୍ଷର, ଭାଷୀ ଖେଳୁଅଛି ॥
ସବୁ ସେ ବିଧିର ଭିଆଣ । ନୁହଇଁ ବ୍ୟକ୍ତି ନିଜ ଗୁଣ ॥
ଭିନ୍ନ ଭାବରେ ଭିନ୍ନ ଭିନ୍ନ ଭାଷା । ଶବଦ ବାକ୍ୟ ପରିଭାଷା ॥
ତହିଁରୁ ଓଡ଼ିଆ ଅକ୍ଷର । ରହସ୍ୟ ମନେ ମନେ ସ୍ମର ॥
ଯେବେ ଅକ୍ଷର ଉଦେ ନାହିଁ । ମହାଶୂନ୍ୟରେ ଥିଲା ରହି ॥
ସେ ମହାତତ୍ତ୍ୱ ବ୍ରହ୍ମସୂତ୍ରୀ । ମଣ୍ଡଳେ ବିନ୍ଦୁ ବିନ୍ଦୁ ଜ୍ୟୋତି ॥
ନୀଳ ବର୍ଣ୍ଣର ରଶ୍ମୀ ନେଇ । ରହିଣ ଥିଲା ଗୁପ୍ତ ହୋଇ ॥
ସୃଷ୍ଟିର ଚଉବନ କଳ୍ପ । ନିର୍ଘଣ୍ଟ ସମୟ ସଂକଳ୍ପ ॥
ସାଧକ ମାନସ ପଟରେ । ଦୃଶ୍ୟ ସେ ହୋଇଲା ସୂକ୍ଷ୍ମରେ ॥
ଅକ୍ଷରୁ କ୍ଷରିତ ହୋଇଲା । ଦ୍ରଷ୍ଟା ଦୃଷ୍ଟିରେ ଦୃଶ୍ୟ ହେଲା ॥
ତାଙ୍କରି ମାଧ୍ୟମ ଦେଇଣ । ଧରାରେ କଲା ବିଚରଣ ॥

ମର୍ତ୍ତ୍ୟଧାମରେ ଯେତେ ଅକ୍ଷର, ଭାଷୀ ଅଛି ସବୁ ବିଧି ନିର୍ଦ୍ଦିଷ୍ଟ । କୌଣସି ବ୍ୟକ୍ତିର ଚିନ୍ତାଧାରା ନୁହେଁ । ଏହା ଆଶୀର୍ବାଦ ସୂତ୍ରୀ ଅକ୍ଷର । ଭାରତ ଭୂମିରେ ଜନ୍ମ ନେଇ ଭିନ୍ନ ଭାଷୀ ଅକ୍ଷର, ଶବ୍ଦ ସହିତ ମାନବ ଜଡ଼ିତ ହୋଇଛି । ତାହା ମଧ୍ୟରୁ ଓଡ଼ିଶାର "ଓଡ଼ିଆ" ଅକ୍ଷର ଅନ୍ୟତମ । ଏହି ଅକ୍ଷର ଯେତେବେଳେ ଧରାଧାମକୁ ଉଦୟ ହୋଇ ନଥିଲା, ତାହା ମହାଶୂନ୍ୟରେ "ମହାତତ୍ତ୍ୱ ବ୍ରହ୍ମସୂତ୍ରୀ ମଣ୍ଡଳ"ରେ ବିନ୍ଦୁ ବିନ୍ଦୁ ହୋଇ ଜ୍ୟୋତି ରୂପ ଧାରଣ କରି ନିଳବର୍ଣ୍ଣର ରଶ୍ମି ଦ୍ୱାରା ଆଚ୍ଛାଦିତ ହୋଇଥିଲା । ସୃଷ୍ଟିର ୫୪ କଳ୍ପସୂତ୍ରୀର କାଳ ନିର୍ଘଣ୍ଟ ସମୟରେ ମହାତତ୍ତ୍ୱ ବ୍ରହ୍ମସୂତ୍ରୀ ମଣ୍ଡଳରୁ ଅକ୍ଷର ଭିନ୍ନ ଭିନ୍ନ ହୋଇ ସାଧକ ମାନଙ୍କ ମାନସ ପଟରେ ଦୃଶ୍ୟମାନ ହୋଇ ଲେଖି ହୋଇଗଲା । ଅକ୍ଷରରୁ କ୍ଷରିତ ହୋଇ ଅକ୍ଷର ଦ୍ରଷ୍ଟାମାନଙ୍କୁ ଦର୍ଶନରେ ଅଙ୍କିତ ହୋଇ ସେହିମାନଙ୍କ ଦ୍ୱାରା ଧରାଧାମକୁ ଆସିଲା । ଏହି କ୍ରମରେ ସମସ୍ତ ଅକ୍ଷର କ୍ଷରିତ ହୋଇଅଛି ।

| | | |
|---|---|---|
| ଅକ୍ଷର ସୂତ୍ରୀ ଅଙ୍କ ସୂତ୍ରୀ | । ବର୍ଣ୍ଣମାଳାର ମାତ୍ରା ସୂତ୍ରୀ | ॥ |
| କ୍ରମରେ ଦୃଶ୍ୟମାନ ହୁଏ | । ସାଧକ ତାହା ପ୍ରାପ୍ତ ହୁଏ | ॥ |
| ବର୍ଣ୍ଣାଶ୍ରମର ଗୁରୁକୁଳ | । ଚିହ୍ନି ଏହାକୁ କରି ମୂଳ | ॥ |
| କରନ୍ତି ନିଜେ ପାଠଶାଳା | । ସୃଜନ୍ତି ଶବ୍ଦ ବାକ୍ୟ ମାଳା | ॥ |
| 'ଅ' ରୁ 'କ୍ଷ' ପରିଯନ୍ତେ | । ରହିଛି ଅଣାକ୍ଷର ଯନ୍ତ୍ରେ | ॥ |
| ଯନ୍ତ୍ରରେ ମନ୍ତ୍ର ଗୁପ୍ତେ ରହେ | । ଗୁରୁ ସାଧନେ ବୀଜ ଦିଏ | ॥ |
| ମନ୍ତ୍ର ମନନ ଶକ୍ତି ଦେଇ | । ବୀଜ ପ୍ରୟୋଗ କରିଥାଇ | ॥ |
| ଦୀକ୍ଷା ପ୍ରଣାଳୀ ସୃଷ୍ଟି କରି | । ଶିକ୍ଷା ପଦ୍ଧତି ଆସେ କ୍ଷରି | ॥ |

ଅଙ୍କ ସୂତ୍ରୀ, ଅକ୍ଷର ସତ୍ରୀ, ବର୍ଣ୍ଣମାଳା ମାତ୍ରା ମଧ୍ୟ କ୍ରମାନୁଯାୟୀ ସାଧକ ମାନଙ୍କୁ ଦୃଶ୍ୟ ହୋଇଯାଏ । ବର୍ଣ୍ଣାଶ୍ରମ ଗୁରୁ ଏହାକୁ ଆଶ୍ରମରେ ଚିହ୍ନଟ କରି ପାଠଶାଳା ଆରମ୍ଭ କରନ୍ତି । ତନ୍ମଧ୍ୟରୁ ଧ୍ୱନି, ଶବ୍ଦ, ବାକ୍ୟ ଗଠନ, ଉଚ୍ଚାରଣ ସୃଷ୍ଟି କରାଯାଏ । 'ଅ' ଠାରୁ 'କ୍ଷ' ବର୍ଣ୍ଣମାଳା ମଧ୍ୟରୁ ଅଣାକ୍ଷର ଯନ୍ତ୍ରରେ ମନ୍ତ୍ର ଗଚ୍ଛିତ ହୋଇଥାଏ । ଏହି ଯନ୍ତ୍ରକୁ ମନ୍ତ୍ର ମନନ ଶକ୍ତିଦ୍ୱାରା ବୀଜ ପ୍ରୟୋଗ କରି ଧର୍ମଗୁରୁ ଦୀକ୍ଷାପ୍ରଣାଳୀ ବତାଇ ଦିଅନ୍ତି । ଧୀରେ ଧୀରେ ଏହା ସାଧାରଣ ଶିକ୍ଷା ପଦ୍ଧତିକୁ ପ୍ରସାରିତ ହୋଇଯାଏ ।

| | | |
|---|---|---|
| ସୃଷ୍ଟିର ସନାତନ ଧର୍ମ | । ଋଷିଏ ବୁଝନ୍ତି ତା ମର୍ମ | ॥ |
| ଏହାକୁ ରକ୍ଷା କରିବାକୁ | । ଏକାନ୍ତେ ଭଜନ୍ତି ବ୍ରହ୍ମକୁ | ॥ |
| ତାହାଙ୍କ ଆଶୀର୍ବାଦ ପାଇ | । ଅଣ ଅକ୍ଷରକୁ ସେ ନେଇ | ॥ |
| ବ୍ରହ୍ମସୂତ୍ରୀରେ ତିଆରିଲେ | । ଜୀବ କଲ୍ୟାଣେ ଉତ୍ସର୍ଗିଲେ | ॥ |
| ଏହାକୁ ବ୍ରହ୍ମ ଏକାକ୍ଷର | । ବ୍ରହ୍ମତତ୍ତ୍ୱ ଯେ ଅଣାକ୍ଷର | ॥ |
| ତତ୍ତ୍ୱ ନିର୍ମାଣ କହିଛନ୍ତି | । ଅଶେଷ ଯଶ ବହିଛନ୍ତି | ॥ |

ସୃଷ୍ଟିର ସନାତନ ଧର୍ମକୁ ରକ୍ଷା କରିବାକୁ ଯାଇ ମୁନିଋଷିମାନେ, ସାଧକମାନେ ବ୍ରହ୍ମ ଉପାସନା କରି ଅଣ ଅକ୍ଷରକୁ ବ୍ରହ୍ମ ସୂତ୍ରୀରେ ପରିଣତ କରିଛନ୍ତି । ଏହାକୁ ବ୍ରହ୍ମ ଏକାକ୍ଷର ବା ଅଣାକ୍ଷର ବ୍ରହ୍ମତତ୍ତ୍ୱ ନିର୍ମାଣ କହନ୍ତି ।

| | | |
|---|---|---|
| ସ୍ରଷ୍ଟାଙ୍କ ନିଜ ଇଚ୍ଛା ମତେ | । ଯୁଗର ଲୋଡ଼ା ଯାହା ଯେତେ | ॥ |
| ତାକୁ ପୂରଣ କରିବାକୁ | । ପ୍ରେରଣ କରନ୍ତି ଧରାକୁ | ॥ |

ନାଗାନ୍ତ, ସିଦ୍ଧାନ୍ତ, ଯୋଗାନ୍ତ । ଗୁରୁ ତତ୍ତ୍ୱଗୁରୁ ଭୋଗାନ୍ତ ॥
ଜ୍ଞାନଗୁରୁଙ୍କୁ ଆଶୀର୍ବାଦ । ଦେଇ ଫେଡ଼ନ୍ତି ଜୀବ ଖେଦ ॥
ଯେଉଁ ସାଧକ ସାଧନରେ । ଅଣସୂତ୍ରୀକୁ ଭେଦ କରେ ॥
ସେ ଜାଣେ ଅକ୍ଷରର ତତ୍ତ୍ୱ । ଅନ୍ୟ କେ ନ ଜାଣେ ମହତ୍ତ୍ୱ ॥
କୋଟିରେ ଗୋଟିଏ ବି ନାହିଁ । ଅଣସୂତ୍ରୀକୁ ଦେବ କହି ॥
ବ୍ରହ୍ମଙ୍କ ମାନସ ସନ୍ତାନ । କେବଳ ରଖିଛନ୍ତି ମାନ ॥
ବିନା ସାଧନେ ଦେଖିଯାନ୍ତି । ଧରାରେ ବିଛାଡ଼ି ଦିଅନ୍ତି ॥
ମାନସ ବ୍ରହ୍ମର ପଟହ । ସନ୍ତାନ ବୋଲି ତାଙ୍କୁ କହ ॥

ଯେଉଁ ଯୁଗରେ ଯାହା ଆବଶ୍ୟକ, ଗୁରୁ, ତତ୍ତ୍ୱଗୁରୁ, ଜ୍ଞାନଗୁରୁ, ନାଗାନ୍ତ, ସିଦ୍ଧାନ୍ତ, ଯୋଗାନ୍ତ, ଭୋଗାନ୍ତ ଜ୍ଞାନ ଗୁରୁମାନଙ୍କ ଦ୍ୱାରା ଜ୍ଞାନ ପ୍ରେରଣ କରି ସ୍ରଷ୍ଟା ମର୍ତ୍ତ୍ୟଧାମକୁ ସଜାଇ ରଖିଛନ୍ତି । ଯେଉଁ ସାଧକ ସାଧନ ବଳରେ ବ୍ରହ୍ମ ଅଣସୂତ୍ରୀ ମଣ୍ଡଳ ପର୍ଯ୍ୟନ୍ତ ଯାଇଥାଏ, କେବଳ ସେହି ପୁରୁଷ ଏହି ଅକ୍ଷର ତତ୍ତ୍ୱର ସନ୍ଧାନ ପାଇଥାଏ । ଏପରି ବ୍ୟକ୍ତି କୋଟି କରେ ଗୋଟିଏ ମିଳିବା ମଧ୍ୟ କଷ୍ଟ । କେବଳ ବ୍ରହ୍ମଙ୍କ ନିକଟବର୍ତ୍ତୀ ମାନସ ସନ୍ତାନମାନେ ଏହାର ଅନୁଗାମୀ ହୋଇ ପାରିଥାନ୍ତି । ମାନସ ବ୍ରହ୍ମ ପଟହ ସନ୍ତାନ ମାନଙ୍କ ଦ୍ୱାରାହିଁ ଏହା ସହଜ ହୋଇଥାଏ ।

ବିନା ସାଧନେ ସେ ସନ୍ତାନ । ପ୍ରେରିତ ହୋଇ ବାଣ୍ଟେ ଜ୍ଞାନ ॥
ନିୟମ, ସାଧନ ପ୍ରଣାଳୀ । ନୀତିରେ ଭକତି ଅଞ୍ଜଳି ॥
ଜୀବଙ୍କୁ ଦିଅନ୍ତି ବତାଇ । ନୀତିକୁ ଦିଅନ୍ତି ଦର୍ଶାଇ ॥
ଜୀବ ଏହାକୁ ହେତୁ କଲେ । ବ୍ରହ୍ମ ଦୃଶ୍ୟଟି ପାଏ ଭଲେ ॥
ଅଣଅକ୍ଷର ଦରଶନ । ନିର୍ବିକଳ୍ପରେ ଗଲେ ମନ ॥
ମିଳିବ ଅବଶ୍ୟ ତାହାକୁ । ଆନନ୍ଦେ ଲଭିବ ବ୍ରହ୍ମଙ୍କୁ ॥

ମାନସ ବ୍ରହ୍ମ ପଟହର ସନ୍ତାନମାନେ ଇଚ୍ଛାମତେ ବିନା ସାଧନରେ ପ୍ରେରିତ ହୋଇ ଧରାଧାମରେ ନୀତିନିୟମ, ସାଧନ ପ୍ରଣାଳୀ ଦର୍ଶାଇ ଦେଇଥାନ୍ତି । ଜୀବ ଏହାକୁ ଅନୁଧାନ କରି ବ୍ରହ୍ମ ଦୃଶ୍ୟକୁ ଅନୁଭବ କରନ୍ତି । ଅଣଅକ୍ଷର ସାଧକ ନିର୍ବିକଳ୍ପରେ ଦର୍ଶନ ପାଇଥାନ୍ତି ।

# ଅଣାକ୍ଷର : ଓଁ

ଏହି ଅକ୍ଷର ରୂପ ଭେଦ । ଶୁଣିଲେ ତୁଟେ ପରମାଦ ॥ (ଁ)
ଅକ୍ଷରେ ବିନ୍ଦୁ ଅର୍ଦ୍ଧମାତ୍ରା । ଜ୍ୟୋତିରେ ପୂର୍ଣ୍ଣ ଥାଏ ମାତ୍ରା ॥
ଏ ଅର୍ଦ୍ଧମାତ୍ରା ବିନ୍ଦୁ ଯାହା । ଆଦି ଅନାଦି ରୂପ ତାହା ॥
ଉପରି ଅର୍ଦ୍ଧ ମାତ୍ରା ସୃଷ୍ଟି । ସମସ୍ତ ତତ୍ତ୍ୱଜ୍ଞାନ ବୃଷ୍ଟି ॥
ହ୍ରସଇକାର ନାମେ ଏହି । ଅର୍ଦ୍ଧମାତ୍ରାଟି ଥାଏ ରହି ॥

ଏହି ଅଣଅକ୍ଷରରେ ଯେଉଁ ବିନ୍ଦୁ ଓ ଅର୍ଦ୍ଧମାତ୍ରା ଦେଖା ଯାଉଥାଏ, ତାହା ଆଦି ଅନାଦିଙ୍କ ସ୍ୱରୂପ ଅଟେ । ଉପରେ ଯେଉଁ ଅର୍ଦ୍ଧମାତ୍ରା ଅଛି ତାହାରି ମଧରେ ସମସ୍ତ ତତ୍ତ୍ୱଜ୍ଞାନ ମଣ୍ଡଳ ନିହିତ ଅଛି । ଏହି ଅର୍ଦ୍ଧମାତ୍ରାକୁ ହ୍ରସଇକାର କୁହାଯାଏ । (ଁ)

'ଆ'କାର ମାତ୍ରାକୁ ନିରେଖ । ଆଦିବ୍ରହ୍ମଙ୍କ ଧାମ ଦେଖ ॥
ଏଠାରୁ ଆଦି ଲୀଳା ହୁଏ । ଅଲୌକିକ ଭାବେ ରହେ ॥
ଯୋଗମାୟା ଓ ମହାମାୟା । ବୈଷ୍ଣବୀମାୟାଙ୍କର କାୟା ॥
ଏଠାରୁ ବିସ୍ତାର କରନ୍ତି । ଜୀବକୁ ମୋହିତ କରନ୍ତି ॥

ଅକ୍ଷର ସୂତ୍ରର ଦକ୍ଷିଣରେ ଯେଉଁ 'ଆ'କାର ବା 'ା' ଦିଆଯାଇଛି ତାହା ଆଦିବ୍ରହ୍ମଙ୍କ ଧାମ ଅଟେ । ଏହିଠାରୁ ବ୍ରହ୍ମଙ୍କ ଅଲୌକିକ ଲୀଳା ପ୍ରକଟ ଆରମ୍ଭ ହୁଏ । ଏହି ମାତ୍ରାରୁ ଯୋଗମାୟା, ମହାମାୟା ଓ ବୈଷ୍ଣବୀମାୟା ପ୍ରକାଶିତ ହୋଇ ବ୍ରହ୍ମଙ୍କ ଇଚ୍ଛାରେ ସମସ୍ତ ଅଲୌକିକ ଲୀଳା ବିସ୍ତାର କରିଥାନ୍ତି ।

ଏଥର ଦେଖ ''ଏକାର'' କୁ । ନଜର ଦିଅ ସେ ପୁଡ଼ାକୁ ॥ ( େ)
ଶୂନ୍ୟ ମଣ୍ଡଳ ପରି ଦିଶେ । ବ୍ରହ୍ମଜ୍ଞାନକୁ ପରିଭାଷେ ॥
ସେଠାରୁ ଅର୍ଦ୍ଧମାତ୍ରା ଦିଶେ । ମହାବିଜ୍ଞାନ ତତ୍ତ୍ୱ ବର୍ଷେ ॥

ଅଣଅକ୍ଷରର ବାମପାର୍ଶ୍ୱରେ ଥିବା ''ଏକାର'' (େ)କୁ ଲକ୍ଷ୍ୟକର । ଉକ୍ତ ମାତ୍ରାରେ ତଳ ଭାଗରେ ଥିବା ଶୂନ୍ୟ ପୂଡ଼ା (୦) ବ୍ରହ୍ମଜ୍ଞାନ ମଣ୍ଡଳ । ଏହିଠାରୁ ବ୍ରହ୍ମଜ୍ଞାନ କ୍ଷରିତ ହୁଏ । ଶୂନ୍ୟ ଉପରକୁ ଥିବା ଅର୍ଦ୍ଧମାତ୍ରା (⁽)ରେ ମହାବିଜ୍ଞାନ ତତ୍ତ୍ୱମଣ୍ଡଳ ଅବସ୍ଥିତ । ଏଠାରୁ ସର୍ବଦା ମହାବିଜ୍ଞାନ ତତ୍ତ୍ୱ ବିଚ୍ଛୁରିତ ହେଉଥାଏ ।

| | | | |
|---|---|---|---|
| ହ୍ରସଉକାର ଦୁଇଶୂନ | । ବ୍ରହ୍ମା, ବିଷ୍ଣୁ ଶିବଙ୍କ ମାନ | ।। | (ୗୁ) |
| ଅର୍ଦ୍ଧାଗାର ବା ଆଠଅଣା | । ବାଇଶି ପାବଚ୍ଛରେ ଗଣା | ।। | |
| ସାଧକ ଚକ୍ର ଭେଦ କରି | । ପାହାଚ ଅତିକ୍ରମ କରି | ।। | |
| ଯଜ୍ଞ ପୁରୁଷେ ମିଳିଯାଏ | । ଅନୁଭବରେ ଦେଖୁଥାଏ | ।। | |

ହ୍ରସଉକାର ଓ ଦୁଇଶୂନ ଅକ୍ଷର ତତ୍ତ୍ୱ ବ୍ରହ୍ମା, ବିଷ୍ଣୁ, ଶିବଙ୍କ ନାମ ସୂତ୍ରୀ ମାତ୍ରା ତତ୍ତ୍ୱ ଅଟେ । ଦୁଇଶୂନ୍ୟ ତଳେ ଥିବା ଅର୍ଦ୍ଧାଗାର ବା ଆଠଅଣା ଚିହ୍ନକୁ ବ୍ରହ୍ମଙ୍କ ବାଇଶି ପାବଚ୍ଛ ତତ୍ତ୍ୱ କୁହାଯାଏ । ସାଧକ ଚକ୍ର ଭେଦ କରି ଏହି ପାହାଚ ଅତିକ୍ରମ କରି ବ୍ରହ୍ମପୁରୁଷ ବା ଯଜ୍ଞପୁରୁଷ ସହିତ ଯୋଗହୁଏ ।

| | | |
|---|---|---|
| ଯାଜ୍ଞିକ ଉପଚାର ନେଇ | । ସାଧକ ଯଜ୍ଞ କରିଥାଇ | ।। |
| ଅଣାକାର ଯଜ୍ଞର ଶେଷେ | । ଯଜ୍ଞ ପୁରୁଷ ତାକୁ ଦିଶେ | ।। |

ଯାଜ୍ଞିକ ଉପଚାର ପଦ୍ଧତିରେ ସାଧକ ଅଣାକାର ଯଜ୍ଞକଲେ ସ୍ୱଚକ୍ଷୁରେ ବ୍ରହ୍ମପୁରୁଷ ବା ଯଜ୍ଞପୁରୁଷଙ୍କୁ ଦର୍ଶନ କରିଥାଏ ।

| | | | |
|---|---|---|---|
| ଅକ୍ଷର ମାତ୍ରାର ବିସର୍ଗ | । ସାଧକ ମନର ସେ ସ୍ୱର୍ଗ | ।। | (ଃ) |
| ବିଷ୍ଣୁ ମଣ୍ଡଳୀୟ ବିଜ୍ଞାନ | । ସାତଲକ୍ଷ ତିନିଶତ ଜ୍ଞାନ | ।। | |
| ତହିଁରେ ବୟାଳିଶ ମିଶି | । ରହିଛି କୈବଲ୍ୟର ରାଶି | ।। | |
| ଏହି ବିସର୍ଗ ମାତ୍ରା କେନ୍ଦ୍ର | । ବ୍ରହ୍ମତତ୍ତ୍ୱର ସର୍ବ କେନ୍ଦ୍ର | ।। | |
| ଏଥିରୁ ଏକଶତ ଆଠ | । ବ୍ରହ୍ମ ତତ୍ତ୍ୱର ସୂତ୍ରୀ ମାଠ | ।। | |
| ସାଧକ ଗତି ଏହିଯାଏ | । ତହିଁରୁ ଊର୍ଦ୍ଧ୍ୱ ଗତି ନୁହେଁ | ।। | |
| କୈବଲ୍ୟେ କିଛି ଯୋଗ ହୋଇ | । ମାନସ ସନ୍ତାନେ ଦିଶଇ | ।। | |
| ସୂକ୍ଷ୍ମ ଆତ୍ମା ସପ୍ତଲୋକରେ | । ଦେହ ନଥାଇ ସୂକ୍ଷ୍ମେ ଚରେ | ।। | |
| ସେ ଆତ୍ମା ତତ୍ତ୍ୱେ ଯୋଗହୋଇ | । ଦର୍ଶନ ପାଆନ୍ତି ସେଠାଇ | ।। | |
| ଅସଂଖ୍ୟ ବ୍ରହ୍ମାଣ୍ଡର ତତ୍ତ୍ୱ | । ଜ୍ଞାନ ମାଳାରେ ସୃଷ୍ଟି ତତ୍ତ୍ୱ | ।। | |
| ବଣ୍ଟନ ହୋଇଛି ସୃଷ୍ଟିରେ | । ନ ପାଏ କେ ଏକ ଜନ୍ମରେ | ।। | |

ଅକ୍ଷର ମାତ୍ରାର ବିସର୍ଗ (ଃ) ଚିହ୍ନରେ ବିଷ୍ଣୁ ମଣ୍ଡଳୀୟ ବିଜ୍ଞାନ ତତ୍ତ୍ୱ ପୂର୍ଣ୍ଣ ହୋଇରହିଅଛି । ଏହି ତତ୍ତ୍ୱ ସାତଲକ୍ଷ ତିନିଶତ ବୟାଳିଶ କୈବଲ୍ୟ ନେଇ ଠୁଳ ହୋଇଅଛି । ସାଧକ ଏଥିରୁ ମାତ୍ର ଏକଶତ ଆଠ ବ୍ରହ୍ମତତ୍ତ୍ୱ ସୂତ୍ରୀ ପର୍ଯ୍ୟନ୍ତ ଅନୁଭବ କରେ । କିନ୍ତୁ ଅଂଶ କୈବଲ୍ୟରେ ଯୋଗ

ହୋଇ ସେଠାରେ ଥିବା ମାନସ ସନ୍ତାନଙ୍କୁ ଅନୁଭବ ହୁଏ । ସପ୍ତଲୋକର ସୂକ୍ଷ୍ମ ଜଗତରେ ଥିବା 'ସଦ୍‌ଆତ୍ମା', ଦେହ ନଥାଇ ସୂକ୍ଷ୍ମରେ ଦର୍ଶନ ତତ୍ତ୍ୱରେ ଯୋଗ ଦେଇ କିଛି ଅଂଶ ଅନୁଭବ କରନ୍ତି । ଅସଂଖ୍ୟ ବ୍ରହ୍ମାଣ୍ଡ ତତ୍ତ୍ୱଜ୍ଞାନ ବାଣ୍ଟି ଦିଆଯାଇଅଛି । ନରପିଣ୍ଡର ସାଧକ ଏକ ଜନ୍ମରେ ଏ ସମସ୍ତଜ୍ଞାନ ଅନୁଭବ କରିପାରେ ନାହିଁ ।

ଯୁଗର ଅନ୍ତିମ କାଳରେ । ସଦାତ୍ମା କୈବଲ୍ୟ ଅଙ୍ଗରେ ॥
ବିଭୂତି ପ୍ରାପ୍ତ ହୋଇଥାନ୍ତି । ସୂକ୍ଷ୍ମ, କାରଣେ ରହିଥାନ୍ତି ॥
ମର୍ତ୍ତ୍ୟଧାମକୁ ଲକ୍ଷ୍ୟ ଦେଇ । ବ୍ରହ୍ମଙ୍କ ଆଜ୍ଞା ଶିରେ ନେଇ ॥
ଆଦି, ଅନାଦି ସାର ମର୍ମ । ବ୍ରହ୍ମପୁରୁଷ ଯନ୍ତ୍ର ନାମ ॥
ଏକାକ୍ଷର ଯନ୍ତ୍ରର ସୂତ୍ରୀ । ସୂକ୍ଷ୍ମରେ ପଠାନ୍ତି ଧରିତ୍ରୀ ॥
ଯୁଗ ପୁରୁଷ ଏହି ବେଳେ । ଖେଳନ୍ତି ରହି ଧରା କୋଳେ ॥
ସେ ସୂକ୍ଷ୍ମ ଆତ୍ମା ଶୂନ୍ୟେ ରହି । ଦିଅନ୍ତି ତାହାଙ୍କୁ ଚେତାଇ ॥
ମାୟା ଜଗତେ ମାୟା ପିଣ୍ଡ । ବ୍ରହ୍ମଦ୍ ଜ୍ଞାନର ବ୍ରହ୍ମାଣ୍ଡ ॥
ଏହାକୁ ଉପଲବ୍ଧ କରି । ଅକ୍ଷର ବ୍ରହ୍ମଙ୍କୁ ହକାରି ॥
ଜ୍ୟୋତି ବଳୟ ସନ୍ତାନଙ୍କୁ । ଶ୍ରଦ୍ଧାରେ ବାଣ୍ଟି ଦ୍ୟନ୍ତି ତାଙ୍କୁ ॥
ତାହାହିଁ ତାଙ୍କର କରୁଣା । ଶ୍ରଦ୍ଧା ନଥିଲେ ସର୍ବେ ବଣା ॥

ଯୁଗର ଅନ୍ତିମ କାଳରେ ଯୁଗପୁରୁଷ ମର୍ତ୍ତ୍ୟଭୂମିକୁ ଅବତରଣ କରି ମର୍ତ୍ତ୍ୟଲୀଳା ସଂରଚନ କରିଥାନ୍ତି । ଏହି ସମୟରେ ବିଭୂତି ପ୍ରାପ୍ତ କୈବଲ୍ୟ ଅଙ୍ଗର ସଦାତ୍ମା ଧର୍ମଗୁରୁମାନେ କାରଣ ଜଗତ ତଥା ସୂକ୍ଷ୍ମ ମଣ୍ଡଳରେ ରହି ମର୍ତ୍ତ୍ୟଧାମର ଆଦି ଅନାଦି ତତ୍ତ୍ୱର ସାରମର୍ମ, ତଥା ବ୍ରହ୍ମ ପୁରୁଷଙ୍କ ଏକାକ୍ଷର ଯନ୍ତ୍ର ସୂତ୍ରୀକୁ ଲକ୍ଷ୍ୟ ଦିଅନ୍ତି ଏବଂ ସୂକ୍ଷ୍ମରେ ଯୁଗପୁରୁଷଙ୍କୁ ଜଣାଇ ଦିଅନ୍ତି । ମାୟା ଜଗତର ମାୟା ଶରୀରର ବ୍ରହ୍ମଦ୍‌ଜ୍ଞାନ ଉପଲବ୍ଧ କରିବା ପାଇଁ ଅକ୍ଷର ମଣ୍ଡଳର ଅକ୍ଷର ବ୍ରହ୍ମଙ୍କୁ ଆବାହନ କରି ଯୁଗପୁରୁଷ ଅକ୍ଷର ସୃଷ୍ଟି ଜ୍ୟୋତି ବଳୟର ମାନସ ସନ୍ତାନ ମାନଙ୍କୁ ଦର୍ଶନ କରାଇ ଦିଅନ୍ତି । ଏହାହିଁ ଯୁଗପୁରୁଷଙ୍କର ଅପାରକରୁଣା ମାତ୍ର ଶ୍ରଦ୍ଧାବିହୀନ ସନ୍ତାନ ମାନେ ସର୍ବଦା ବାଟବଣା ହୋଇ ଯୁଗପୁରୁଷଙ୍କର ଏହି କରୁଣାରୁ ବଞ୍ଚିତ ହୁଅନ୍ତି ।

ଶ୍ରୀପତିଙ୍କ ଶ୍ରୀମୁଖରୁ ଉପରୋକ୍ତ ଜ୍ଞାନଗଙ୍ଗା ପାନ କରି ଅନୁଗତ ଜିଜ୍ଞାସୁ ସେବକ ହତବାକ୍ ହୋଇଗଲା । ବାରମ୍ବାର ପ୍ରଣାମ କରି ଶରଣ ଭିକ୍ଷା କଲା ଏବଂ ଜାଣିବାକୁ ଚାହିଁଲା:

ହେ ସ୍ୱାମୀ- ମୋର ଘନଶ୍ୟାମ । ସାଦରେ ଘେନ ମୋ ପ୍ରଣାମ ॥
ଏହି ଯେ ଆଦି ଓ ଅନାଦି । ଏକାକ୍ଷର ବ୍ରହ୍ମକୁ ଭେଦି ॥
କେଉଁ ଯୁଗରେ କେତେବେଳେ । ଏହି ଯଜ୍ଞକୁ କରିଥିଲେ ॥
କୁହନ୍ତୁ ଦେବ ଭାବଗ୍ରାହୀ । ଶ୍ରୀମୁଖ ପଦ୍ମ ଅଛି ଚାହିଁ ॥

ହେ ସ୍ୱାମୀ ! ଏହି ଆଦି ଅନାଦି ଏକାକ୍ଷର ବ୍ରହ୍ମଯଜ୍ଞ ପୂର୍ବରୁ କିଏ କେତେବେଳେ କରିଥିଲେ । ଅନୁଗ୍ରହ କରି କୁହନ୍ତୁ । ଶ୍ରୀପତି ସହାସ୍ୟ ବଦନରେ କହିଲେ:

କଳ୍ପର ବାସ୍ତରି କାଳରେ । ମାନସେ ଯଜ୍ଞ ଅନୁସରେ ॥
କ୍ରତୁ ଅତ୍ରି ଯେ ଋଷିବର । ପୁଲହ, ପୁଲସ୍ତ୍ୟ, ଅଙ୍ଗିର ॥
କରିଣ ଥିଲେ ଏହି ଯଜ୍ଞ । ସାଧନେ ଥିଲେ ମହାବିଜ୍ଞ ॥

କଳ୍ପଯୁଗର ୭୨ କାଳ (କଳ୍ପ) ଭୋଗ ସମୟରେ ମାନସ ବିଧିରେ କ୍ରତୁ, ପୁଲହ, ପୁଲସ୍ତ୍ୟ, ଅତ୍ରି, ଅଙ୍ଗିରା ଋଷିବର ଏହି ଯଜ୍ଞ କରିଥିଲେ ।

ସତ୍ୟର ଶେଷେ ଚାରି ଋଷି । ଆରମ୍ଭି ଥିଲେ ଯଜ୍ଞ ବସି ॥
ସତ୍ୟ ପ୍ରକାଶ, ଯାବାଳିକ । ବିଶ୍ୱାମିତ୍ର ସାନନ୍ଦ ଭେକ ॥

ସତ୍ୟଯୁଗର ଅନ୍ତିମ କାଳରେ ସତ୍ୟପ୍ରକାଶ, ଯାବାଳିକ, ବିଶ୍ୱାମିତ୍ର ଓ ସାନନ୍ଦ ଋଷି ଏକତ୍ର ହୋଇ ଏହି ଯଜ୍ଞାନୁଷ୍ଠାନ କରିଥିଲେ ।

ତ୍ରେତୟା ଯୁଗ ଶେଷ ଭାଗେ । ଆରମ୍ଭି ତପ ଅନୁରାଗେ ॥
'ଧୂର୍ଭବାସୁ' 'ବୃଜଙ୍ଗ' ଶ୍ରେଷ୍ଠ । 'ବିଶ୍ୱାମିତ୍ର' ଋଷି 'ବଶିଷ୍ଠ' ॥
ଆଚରିଥିଲେ ଏହି ଯଜ୍ଞ । ଯେଣୁ ସେ ଥିଲେ ବ୍ରହ୍ମଜ୍ଞ ॥

ତ୍ରେତୟା ଯୁଗର ଶେଷ ଭାଗରେ ବଶିଷ୍ଠ, ବୃଜଙ୍ଗ, ଧୂର୍ଭବାସା ଓ ବିଶ୍ୱାମିତ୍ର ଋଷି ଏହି ଯଜ୍ଞ କରିଥିଲେ ।

ଦ୍ୱାପରେ ପଞ୍ଚଋଷି ମିଶି । ଏକାକ୍ଷର ତତ୍ତ୍ୱରେ ପଶି ॥
କରାଇଥିଲେ ଏହି ଯଜ୍ଞ । ହୋଇଣଥିଲେ ସେ ବ୍ରହ୍ମଜ୍ଞ ॥
'ଭରାଙ୍ଗ' 'ବୈଜୟନ୍ତ' ଋଷି । 'ଦୁର୍ବାସା' 'ବିଶ୍ୱାମିତ୍ର' ମିଶି ॥
ଭୃଗୟଙ୍ଗଙ୍କ ଗହଣରେ । କରିଲେ ଯଜ୍ଞ ଶ୍ରଦ୍ଧାଭରେ ॥

ଦ୍ୱାପର ଯୁଗରେ ଭରାଙ୍ଗ ଋଷି, ବୈଜୟନ୍ତ ଋଷି, ବିଶ୍ୱାମିତ୍ର, ଦୁର୍ବାସା ଓ ଭୃଗୟଙ୍ଗ ଋଷି ମିଶି ଏହି ଯଜ୍ଞ ଅନୁଷ୍ଠିତ କରାଇଥିଲେ ।

ଏହାପରେ ଜିଜ୍ଞାସୁ ଭକ୍ତ ପୁନର୍ବାର ଅଳି କଲା :

ହେ ଦେବ ! ପରମ ପୁରୁଷ । ସନ୍ତାନେ ନ ବହିବ ରୋଷ ॥
କଳିର ଅନ୍ତିମ ଚରଣେ । କରୁଛ ଯଜ୍ଞ କି କାରଣେ ॥
ଝାରସୁଗୁଡ଼ା ସମାସିଂହା । କେଉଁ ଗୁଣରେ ସର୍ବଂ ସହା ॥
ପାଉଛି ତୁମରି ପରଶ । ଏକାକ୍ଷର ବ୍ରହ୍ମର ସ୍ପର୍ଶ ॥
ଏକଥା କହିବ ବୁଝାଇ । ନିସ୍ତରୀ ଯିବି ପ୍ରାପ୍ତ ହୋଇ ॥
ମନରେ ହେଉଅଛି ଭ୍ରମ । ଜାଣିବା ନିର୍ଦ୍ଦିଷ୍ଟ ତିଥି ମର୍ମ ॥
ମାୟାକୁ ତେଜି ମାୟାଧର । ମନରୁ ଦ୍ୱନ୍ଦ୍ୱ ଦୂରକର ॥

ଏହାଶୁଣି ମନ୍ଦମନ୍ଦ ହସି ଠାକୁରେ କହିଲେ :

ଶୁଣରେ ପ୍ରିୟ ଶିଷ୍ୟ ମୋର । ସମାସିଂହାର ସମାଚାର ॥
କଳିର ମଧ୍ୟମ ଚରଣ । ତପସ୍ୱୀ ତପ ଆଚରଣ ॥
'ଧୃତମତି' ଯେ 'ଉଗ୍ରଦର୍ଶ' । କରିଲେ ଏକାକ୍ଷର ବ୍ରତ ॥
ଆଦି, ଅନାଦି ତତ୍ତ୍ୱ ନେଇ । ଶ୍ରୀଗୁରୁ ଚରଣ ବନ୍ଦଇଁ ॥
ଗୁରୁକୃପାରୁ ହେତୁ ନେଲେ । ବ୍ରହ୍ମ ସାଧନେ ମଜ୍ଜି ଗଲେ ॥
ଶେଷରେ ବୈଶାଖ ପୂର୍ଣ୍ଣିମା । ପୂର୍ଣ୍ଣଚନ୍ଦ୍ରରେ ନାଶି ଅମା ॥
ଦର୍ଶନ କଲେ ଏକାକ୍ଷର । ଜ୍ୟୋତିରେ କମ୍ପିଲା ଶରୀର ॥
ଦର୍ଶନ ତତ୍ତ୍ୱେ ଜ୍ଞାନ ପାଇ । ମାଗିଲେ ବର ହେ ଗୋସାଇଁ ॥
କଳିର ଅନ୍ତିମ ପ୍ରହରେ । ଯେବେ ଆସିବ ମର୍ତ୍ତ୍ୟପୁରେ ॥
ଏହି ଦିବସ ହେତୁ କରି । ଏଠାରେ ବ୍ରହ୍ମ ଯଜ୍ଞ ସାରି ॥
ପୂରଣ କରିବ କାମନା । ଯୁଗକୁ ଯୁଗ ରହୁ ବାନା ॥

କଳିର ମଧ୍ୟଭାଗରେ "ଧୃତମତି" ଓ "ଉଗ୍ରଦତ୍ତ" ନାମକ ଦୁଇ ତପସ୍ୱୀ ଏହି ସ୍ଥାନରେ ଶ୍ରୀଗୁରୁ କୃପାରେ ମନ୍ତ୍ର ଚୈତନ୍ୟ ପ୍ରାପ୍ତ ହୋଇ ଆଦି ଅନାଦି ତତ୍ତ୍ୱର ଆଧାରରେ ଏକାକ୍ଷର ବ୍ରହ୍ମ ସାଧନ କରୁଥିଲେ । ଏହି ସାଧନ ସେମାନେ ମୋହିନୀ ଏକାଦଶୀରେ ଲକ୍ଷ୍ମୀନାରାୟଣ ବ୍ରତ ମାଧ୍ୟମରେ ଆରମ୍ଭ କରିଥିଲେ । ବାରବର୍ଷ ଅତିକ୍ରମ ହେବା ପରେ ପବିତ୍ର ବୈଶାଖ ପୂର୍ଣ୍ଣିମା ଶୁଭରାତ୍ରିରେ ସେମାନେ ଏକାକ୍ଷର ବ୍ରହ୍ମ ଦର୍ଶନ ଲାଭ କରି ଜ୍ଞାନ ପ୍ରାପ୍ତ ହେଲେ । ସେହି ଅବସ୍ଥାରେ ସେମାନେ ବରଭିକ୍ଷା କରିଥିଲେ, କଳିର ଅନ୍ତିମ ଭାଗରେ ଯୁଗପୁରୁଷଙ୍କ ଉପସ୍ଥିତିରେ ତାଙ୍କରି ସାଧନ ପୀଠରେ **"ଆଦି ଅନାଦି ଏକାକ୍ଷର ବ୍ରହ୍ମ ଯଜ୍ଞ"** ଅନୁଷ୍ଠିତ ହୋଇ ପୀଠ ପ୍ରତିଷ୍ଠା କରିବା ପାଇଁ । ସେହି ତପସ୍ୱୀ ମାନଙ୍କର ଇଚ୍ଛା ପୂର୍ଣ୍ଣ କରିବା ଉଦ୍ଦେଶ୍ୟରେ ସେମାନଙ୍କର ସାଧନ ଆରମ୍ଭ ଦିବସ ମୋହିନୀ ଏକାଦଶୀ ଓ ସିଦ୍ଧି ଦିବସ ବୈଶାଖ ପୂର୍ଣ୍ଣିମା ଉଭୟର ସ୍ମାରକ ରକ୍ଷା କରି ଏହି ଯଜ୍ଞ ସେଠାରେ ଅନୁଷ୍ଠିତ କରାଯାଉଅଛି ।

ଏହାଶୁଣି ଅନୁଗତ ସେବକ ଆନନ୍ଦାଶ୍ରୁରେ ଶ୍ରୀଚରଣ ଧୌତ କରି ପ୍ରାର୍ଥନା କରିବା ସଂଗେ ସଂଗେ ପ୍ରଣାମ ନିବେଦନ କରି କହିଲା ।

**ପ୍ରଭୁ ହେ କରୁଣା ସାଗର । ପ୍ରଣାମ ମୋର ଘେନା କର ॥**
**ଶେଷରେ କରୁଛି ମିନତି । ତତ୍ତ୍ୱ ଶ୍ରବଣେ ରହୁ ମତି ॥**
**ଏ ଦିବ୍ୟଜ୍ଞାନ ଯେଉଁ ନର । ପଢ଼ି ଶୁଣିବ ବାରମ୍ବାର ॥**
**ତାର ଚେତନା ଉଠୁ ଜାଗି । ତୁମ ଚରଣେ ରହୁ ଲାଗି ॥**
**ଏଥୁ ଅଧିକ ମାଗୁ ନାହିଁ । ନିରାଶ ନ କର ହେ ସାଇଁ ॥**

ହେ କରୁଣା ସାଗର ! ଶେଷରେ ଶ୍ରୀଚରଣେ ଏତିକି ଭିକ୍ଷା ମାଗୁଛି ପ୍ରଭୁ ! ଏଥିରେ ବର୍ଣ୍ଣିତ ଜ୍ଞାନତତ୍ତ୍ୱ ଯିଏ ବାରମ୍ବାର ପଢ଼ିବ ଓ ଶୁଣିବ, ତାର ଚୈତନ୍ୟ ଜାଗ୍ରତ ହେଉ ଓ ତୁମରି ଚରଣରେ ତାର ଲୟ ଲାଗିରହୁ । ଏଥୁ ଅଧିକ କିଛି ଲୋଡ଼ା ନାହିଁ । ନିରାଶ କର ନାହିଁ ସ୍ୱାମୀ ॥

**ସ୍ୱର୍ଣ୍ଣକ୍ଷେତ୍ରାଧିପତି ଶ୍ରୀଶ୍ରୀ ଗୁରୁସ୍ୱାମୀଙ୍କର ଜୟ ହେଉ ॥**

□□□

ଆମର ଲକ୍ଷ୍ୟ : ଚରମ ସମୃଦ୍ଧି